## ସଂକ୍ଷେପରେ

### ଗଛରେ ପିଟିହେଲା ବାଇକ୍: ଚାଳକ ମୃତ

ବିରିଡି, ୧୩ା୫(ଡି.ଏନ.ଏ): କନ୍ଦରପୁର-ଜଗତସିଂହପୁର ଏନ୍‌ଏଚ୍-୫୫ ର ଦଳେଇଘାଇ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଗଛରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନାଉଗାଁ ଥାନା ଅନ୍ତର୍ଗତ ଚାନ୍ଦଖାଁ ପାଟଣା ଗ୍ରାମର ସୌଭାଗ୍ୟ ରଞ୍ଜନ ପାଢ଼ୀ (୨୩)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଯୁବକ ଜଣଙ୍କ ଏକ ବାଇକରେ କଟକ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଜଗତସିଂହପୁର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ପାଢ଼ୀଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଖବରପାଇ ବିରିଡି ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### କାଗଜପତ୍ରରେ ସୀମିତ ଭାରିଯାନ ଚଳାଚଳ କଟକଣା

ଜଗତ୍‌ସିଂହପୁର ଅଫିସ,୧୩ା୫: ଜଗତ୍‌ସିଂହପୁର ପୌରାଞ୍ଚଳରେ ମାଲ ପରିବହନ କରୁଥିବା ଭାରିଯାନ ଚଳାଚଳ ଉପରେ ନିଷେଧାଦେଶ ଜାରି କରାଯାଇଛି। ୧୧ା୫ା୨୨ରୁ ୧୦ା୬ା୨୨ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୮ରୁ ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୩ରୁ ରାତି ୭ଟା ପର୍ଯ୍ୟନ୍ତ ସହରରେ କୌଣସି ଭାରିଯାନ ଚଳାଚଳ କରିପାରିବ ନାହିଁ ବୋଲି ଜିଲାପାଳ ପାରୁଲ ପଟୱାରୀ କଟକଣା ଲଗାଇଛନ୍ତି। ମାସିକିଆ ଏହି କଟକଣା କେବଳ କାଗଜପତ୍ରରେ ଲଗାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। କାରଣ କଟକଣାସତ୍ତ୍ୱେ ମଧ ପ୍ରତ୍ୟହ ଶତାଧିକ ଭାରିଯାନ ଅବାଧରେ ସହରରେ ଯାତାୟାତ କରୁଛି। ବିଶେଷକରି ବାଲି ବୋଝେଇ ହାଇୱା କଟକଣାକୁ ଫୁ କରି ଦେଉଛନ୍ତି। ନିକଟରେ ହାଇୱା ଦୁର୍ଘଟଣାରେ ଜଣେ ଛାତ୍ର ଆହତ ହୋଇଥିଲେ। ସହର ଭିତରେ ଏହି ହାଇୱାଗୁଡିକ ଯେଉଁଭଳି ଗତିରେ ଯାତାୟାତ କରୁଛି ତାହା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଛି। ସହରରେ ଦିନଭରି ଜନଗହଳି ଲାଗି ରହୁଛି। ମଝିରେ ମଝିରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ନିଷେଧାଦେଶ ଜାରି ହୋଇଥିବା ସମୟରେ ସ୍କୁଲ, କଲେଜ ପିଲା, ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକର କର୍ମଚାରୀମାନେ ଯାତାୟାତ କରୁଥିବାରୁ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲାପାଳ ଭାରିଯାନ ଚଳାଚଳ ଉପରେ ନିଷେଧାଦେଶ ଜାରି କରିଛନ୍ତି। ତେଣୁ କଟକଣାକୁ କଡ଼ାକଡି ଭାବେ ଲାଗୁ କରିବାକୁ ସାଧାରଣରେ ଦାବି ହେଉଛି।

### ୨ ବଖରା ଜଳିଗଲା

ଧର୍ମଶାଳା,୧୩ା୫(ଡି.ଏନ.ଏ.): ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତ ଅନ୍ତର୍ଗତ ଡେରାବର ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ହେମନ୍ତ ନାଥଙ୍କ ୨ ବଖରା ଘର ଜଳିଯାଇଛି। ଏଥିସହିତ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡିଯାଇଥିବା ଜଣାପଡ଼ିଛି।

# କେନ୍ଦ୍ର ସାମୁଦ୍ରିକ ମତ୍ସ୍ୟ ବିଲ୍‌କୁ ବିରୋଧ

ପାରାଦୀପ,୧୩ା୫(ସ୍ୱ.ପ୍ର.)



ଏନ୍‌ଏଫ୍‌ଏଫ୍ ପ୍ରତିନିଧି ମଣ୍ଡଳୀ ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରୁଛନ୍ତି।

ଦେଶର ୯ ଉପକୂଳବର୍ତ୍ତୀ ରାଜ୍ୟ ଓ ଆଣ୍ଡାମାନ ଦୀପରେ ପ୍ରାୟ ୨ କୋଟିରୁ ଅଧିକ ମତ୍ସ୍ୟଜୀବୀ ମାଛ ଧରି ଜୀବିକା ନିର୍ବାହ କରୁଛନ୍ତି। ଏବେ କେନ୍ଦ୍ର ସରକାର ସାଗରମାଳା ଯୋଜନା ନାମରେ ମତ୍ସ୍ୟଜୀବୀମାନଙ୍କ ଦାନାପାଣି ଉପରେ ଅଙ୍କୁଶ ଲଗାଇବାକୁ ପ୍ରୟାସ ଚଳାଇଛନ୍ତି। କେବଳ ପୁଞ୍ଜିପତିଙ୍କୁ ସୁହାଇଲା ଭଳି ଆଇନ କରି ନଦୀ ସମୁଦ୍ର ସୀମା ସେମାନଙ୍କ ଅଧୀନକୁ ଦେଇ ଦେଉଛନ୍ତି। ଏହି ଆଇନକୁ ରଦ୍ଦ କରି ମତ୍ସ୍ୟଜୀବୀ ସଂଗଠନ ପକ୍ଷରୁ ଯେଉଁ ପ୍ରସ୍ତାବ ଦିଆଯାଇଛି ତାକୁ ବିଚାରକୁ ନିଆଯାଉ। ଏହାର ପୁନର୍ବିଚାର କରା ନ ଗଲେ ଦେଶବ୍ୟାପୀ ଆନ୍ଦୋଳନ ହେବ ବୋଲି ଏନ୍‌ଏଫ୍‌ଏଫ୍(ନ୍ୟାଶନାଲ ଫିଶ ୱାର୍କର୍ସ ଫୋରମ)ପକ୍ଷରୁ କୁହାଯାଇଛି। ଶୁକ୍ରବାର ଏନଏଫଏଫର ୯ ଜଣିଆ ପ୍ରତିନିଧି ଦଳ ପାରାଦୀପ ମାଛଧରା ବନ୍ଦର ଗସ୍ତରେ ଆସି ଏସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାକୁ ଏହି ଦଳ ଦୁଇ ଦିନିଆ ଗସ୍ତରେ ଆସି ରାଜ୍ୟ ସରକାରଙ୍କ ପାଖରେ ମତ୍ସ୍ୟଜୀବୀଙ୍କ ବହୁବିଧ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିବ ବୋଲି ଉକ୍ତ ଫୋରମ୍ ପକ୍ଷରୁ କୁହାଯାଇଛି।

ଏହାର ଅଧ୍ୟକ୍ଷ ଲିଓ କୋଲାଶୋ କହିଛନ୍ତି, ୨୦୧୧- ୧୨ରେ ତତ୍କାଳୀନ ମତ୍ସ୍ୟ ପ୍ରାଣୀଧନ ପାଳନ ମନ୍ତ୍ରୀ ଜୟରାମ ରମେଶ ଏକ ଚିଠା ବିଲ୍ ଆଣିଥିଲେ। ସେଥିରେ ଅନେକ ମତ୍ସ୍ୟ କଲ୍ୟାଣ ପ୍ରସଙ୍ଗ ଥିଲା। ମାତ୍ର ଏବେର କେନ୍ଦ୍ର ସରକାର ସାଗରମାଳା ଯୋଜନାରେ ଦେଶର ଉପକୂଳବର୍ତ୍ତୀ ସମୁଦ୍ର ସୀମା ଓ ଅନେକ ନଦୀକୁ ଘରୋଇକରଣ କରିଛନ୍ତି। ଓଡିଶାର ୬ ଟି ନଦୀ ଏହି ଯୋଜନାରେ ରହିଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ଉକ୍ତ ଆଇନକୁ ଏବେ ଫୋରମ ପକ୍ଷରୁ ବିରୋଧ କରାଯାଇଛି। ଗତ ଏପ୍ରିଲ ୨୭ ରୁ ୨୯ ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶରେ ବିଭିନ୍ନ ମତ୍ସ୍ୟ ସଂଗଠନ ସହ ଆଲୋଚନା କରିବା ପରେ ସେଠାକାର ସରକାରଙ୍କୁ ଏବିଷୟରେ ଅନୁରୋଧ କରିଛୁ। ଓଡିଶା ପରେ କେରଳ ଯିବୁ। ଏମିତି ୯ଟି ରାଜ୍ୟରେ ଥିବା ୧୫ଟି ବୃହତ୍ ସଂଘ ପ୍ରତିନିଧିଙ୍କ ସହ ଆଲୋଚନା କରିବୁ ବୋଲି ଏନଏଫ୍‌ଏଫ୍‌ର ସମ୍ପାଦକ ଓଲେସିଓ ସିମାସ କହିଥିଲେ। ସେହିପରି ସଂଶୋଧିତ ଆଇନ ମଧ୍ୟରେ ସିଆରଜେଡ (କୋଷ୍ଟାଲ ରେଗୁଲେସନ ଜୋନ୍)ରହିଛି। ପୂର୍ବରୁ ନଦୀ ଓ ସମୁଦ୍ରର ୫୦୦ ମିଟର ମଧ୍ୟରେ କୌଣସି ପ୍ରକଳ୍ପ ହୋଇପାରିବ ନାହିଁ ବୋଲି ନିୟମ ଥିଲା। କେନ୍ଦ୍ର ସରକାର ତାକୁ ହଟାଇ ଦେଇଛନ୍ତି। ଫଳରେ ଘରୋଇ ସଂସ୍ଥାଗୁଡ଼ିକ ଅବାଧରେ ନଦୀ ଓ ସମୁଦ୍ର ତଟରେ ବନ୍ଦର ଶିଳ୍ପ ଆଦି କରିପାରିବେ। ଏସବୁ ସମ୍ପର୍କରେ ମତ୍ସ୍ୟଜୀବୀଙ୍କୁ ଅବଗତ କରାଯିବା ପରେ ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ପ୍ରତିନିଧି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ଅବସରରେ ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ୟୁନିୟନ ପକ୍ଷରୁ ସଭାପତି ପ୍ରସନ୍ନ କୁମାର ବେହେରା ୭ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିଲେ। ସେଥିରେ ଦର୍ଶାଯାଇଛି, କଇଁଛ କଟକଣା ବେଳେ ଅଲଗା ରାଜ୍ୟରେ ମତ୍ସ୍ୟଜୀବୀଙ୍କୁ

### ପାରାଦୀପରେ ଏନ୍‌ଏଫ୍‌ଏଫ୍ ପ୍ରତିନିଧି ଦଳ

ସରକାର ସହାୟତା ରାଶି ଦେଉଛନ୍ତି। ଓଡିଶା ସରକାର ଏ କ୍ଷେତ୍ରରେ କିଛି ପଦକ୍ଷେପ ନେଉନାହାନ୍ତି। ଏନେଇ ପଦକ୍ଷେପ ନେବା ସହ ପ୍ରତ୍ୟେକ ସମବାୟ ସଂସ୍ଥାକୁ ହାତ ପାଣ୍ଠି ଦେବା, ଓଡିଶା ଉପକୂଳରେ ମତ୍ସ୍ୟ ଅବତରଣ କେନ୍ଦ୍ର କରିବା, ଓଡିଶାରେ ମାଛର ସୁପର ମାର୍କେଟ କରିବା, ସମସ୍ତ ନଦୀ ମୁହାଣ ଖନନ, ପୁରୀ ଓ ଗଞ୍ଜାମ ଜିଲାର ଜିଲେରି, ୱାର୍ଡବାଲେଜି, ଗଙ୍ଗପୁତ୍ର ଓ ଖଲାସି ଜାତିର ମତ୍ସ୍ୟଜୀବୀଙ୍କୁ ତଫସିଲଭୁକ୍ତଜାତି ଭାବେ ମାନ୍ୟତା ଦେବା, ଡିଜେଲ ଓ କିରୋସିନରେ ସବ୍‌ସିଡି ପ୍ରଦାନ ଆଦି ଦାବି ଅନ୍ତର୍ଭୁକ୍ତ। ଏନ୍‌ଏଫ୍‌ଏଫ୍ ପ୍ରତିନିଧି ଦଳକୁ ପାରାଦୀପ ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା)ପକ୍ଷରୁ ସ୍ୱାଗତ କରାଯାଇଥିଲା। ସଭାପତି ଶ୍ରୀକାନ୍ତ ପରିଡା ପାରାଦୀପ ମାଛଧରା ବନ୍ଦର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଶେଷରେ ସମ୍ପାଦକ ଅରବିନ୍ଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଜିଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା



ନାଉଗାଁ,୧୩ା୫(ସ୍ୱ.ପ୍ର.)

ଜଗତସିଂହପୁର ଜିଲାପାଳ ପାରୁଲ ପଟୱାରି ଶୁକ୍ରବାର ନାଉଗାଁ ବ୍ଲକ ଗସ୍ତ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ସହ ସମୀକ୍ଷା ବୈଠକ କରିଛନ୍ତି। ପ୍ରଥମେ ଜିଲାପାଳ ପଟୱାରି ନାଉଗାଁ ବ୍ଲକର ଜାମୁଗାଁ, ଚକୁଳିପଡା ଓ ନାଉଗାଁ ପଞ୍ଚାୟତର ମାରେଡାଠାରେ ଏମ୍‌ଜିଏନ୍‌ଆରଇଜିଏସ୍ ଚାଲିଥିବା ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ। ପରେ ଡେରିକି ପଞ୍ଚାୟତର କସ୍ତୁରବା ବାଳିକା ବିଦ୍ୟାଳୟକୁ ଯାଇ ୫-ଟିରେ ଚାଲିଥିବା କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ବିଦ୍ୟାଳୟ ପରିସର ଅସ୍ୱାସ୍ଥ୍ୟକର ଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଧାରୀ ପୁହାଣଙ୍କ ଉପରେ ଜିଲାପାଳ ଅସନ୍ତୋଷବ୍ୟକ୍ତ କରିଥିଲେ। ପରେ ଓଷକଣା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ରଶ୍ମିରେଖା ମଲିକ, ସହକାରୀ ଯନ୍ତ୍ରୀ ଅଙ୍କିତା ଜଲି, କନିଷ୍ଠଯନ୍ତ୍ରୀ ସ୍ମୃତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗତ ମେ ୭ ରେ ଜିଲାପାଳଙ୍କ ଏହି ବ୍ଲକ ଗସ୍ତ ପାଇଁ କାର୍ଯ୍ୟକ୍ରମ ଥିଲା। ତେବେ ସମ୍ଭାବ୍ୟ ବାତ୍ୟା ପାଇଁ ତାହାକୁ ସ୍ଥଗିତ ରଖାଯାଇଥିଲା।

# ମହାନଦୀର ସାହୁକ୍ଷେତଠାରେ ସ୍ଲୁଇସ ଗେଟ୍ ଦାବି


ମହାନଦୀର ଶାଖା ଶୁକପାଇକା ନଦୀ।


ନଦୀରେ ପୋଲ ନିର୍ମାଣ ଚାଲିଛି।

ପାଟକୁରା,୧୩ା୫(ଡି.ଏନ.ଏ.)

ମହାନଦୀର ଉତ୍ତର ପାର୍ଶ୍ୱ କଟକ ଜିଲାର ସାହୁକ୍ଷେତଠାରୁ ଏକ ଶାଖା ନଦୀ ଶୁକ ପାଇକା ନଦୀ ବାହାରିଛି। ଏହା ପାଳଦା, ବାବୁଜଙ୍ଗ, ସଫିପୁର, ପିଙ୍ଗୁପୁର, ଉତ୍ତରକୂଳ, ମୁଗୁରିଆ, ଧାରିବିଲ, ଓଡ଼ଖଣ୍ଡ, ବିରିବନ୍ଧ ଓ କେନ୍ଦ୍ରାପଡ଼ା ଜିଲାର ଜୟତଲଙ୍ଗ ଆଦି ଗ୍ରାମ ଦେଇ ପ୍ରବାହିତ ହୋଇ ସାନନୟନପୁରଠାରେ ପୁଣି ମହାନଦୀରେ ମିଶିଛି। ଏହାର ଉପରମୁଣ୍ଡ ସାହୁକ୍ଷେତଠାରେ କୌଣସି ସ୍ଲୁଇସ ଗେଟ ନିର୍ମାଣ କରା ନ ଯାଇ ନଦୀବନ୍ଧ କରାଯିବା ଦ୍ୱାରା ମହାନଦୀରୁ ଆଉ ବନ୍ୟା ଜଳ ଶାଖା ଶୁକ ପାଇକା ନଦୀ ମଧ୍ୟକୁ ପ୍ରବେଶ କରୁନାହିଁ। ଫଳରେ ବର୍ଷ ସାରା ଶୁକ ପାଇକା ନଦୀଟି ଶୁଖିଲା ପଡୁଛି। ବର୍ଷାଦିନେ ଏହାଉଦ୍‌ବୃତ୍ତ ବର୍ଷା ଜଳରେ ପୂର୍ଣ୍ଣଗର୍ଭା ହେଉଛି। ମହାନଦୀର ଶାଖା ନଦୀ ଶୁକ ପାଇକାର ସାହୁକ୍ଷେତଠାରେ ନଦୀ ବନ୍ଧ ଦ୍ୱାରା ଜଳ ପ୍ରବାହ ବନ୍ଦ ହୋଇଯାଇଛି।

### ଶୁକପାଇକା ନଦୀରେ ୪ ଚେକ୍ ଡ୍ୟାମ୍ ହେଉ

ଏହି ମୁହାଣରେ ଏକ ସ୍ଲୁଇସ ଗେଟ ନିର୍ମାଣ କରାଯାଇ ମହାନଦୀରୁ ଶୁକପାଇକା ମଧ୍ୟକୁ ବନ୍ୟାଜଳ ପ୍ରବେଶ କରାଯିବାର ନିହାତି ଆବଶ୍ୟକତା ଅଞ୍ଚଳବାସୀ ଅନୁଭବ କରୁଛନ୍ତି। ସେହିପରି ଏହି ଶୁକ ପାଇକା ନଦୀ ମଧ୍ୟରେ ୪ ଗୋଟି ଚେକ୍ ଡ୍ୟାମ୍ ନିର୍ମାଣ କରାଯିବାର ଆବଶ୍ୟକତା ରହିଛି। ଗୋଟିଏ ଚେକ୍ ଡ୍ୟାମ ଜୟତଲଙ୍ଗ ଶନି ଠାକୁର ଗଡ଼ା ନିକଟରେ, ଦ୍ୱିତୀୟଟି ବିରିବନ୍ଧଠାରେ, ତୃତୀୟଟି ଧାରିବିଲ ନିକଟରେ ଓ ଚତୁର୍ଥଟି ଲକ ଚେକ୍ ଡ୍ୟାମ ପିଙ୍ଗୁପୁର ନିକଟରେ ନିର୍ମାଣ କରାଯିବାର ଆବଶ୍ୟକତା ରହିଛି। ଶୁକ ପାଇକା ନଦୀକୁ ମହାନଦୀରୁ ବନ୍ୟା ଜଳ ପ୍ରବେଶ ପାଇଁ ସ୍ଲୁଇସ ଗେଟ ଓ ଚେକ୍ ଡ୍ୟାମ ନିର୍ମାଣ କରାଯିବାର ନିହାତି ଆବଶ୍ୟକତା ରହିଛି। ତାହା ନ କରି ଡ୍ରେନେଜ ବିଭାଗ ପକ୍ଷରୁ ଆବଶ୍ୟକତା ନ ଥାଇ ପୋଲ ନିର୍ମାଣ କରାଯାଉଛି। ଉତ୍ତରକୂଳ ସୁଦାମବତୀ ନିକଟରେ ଶୁକ ପାଇକା ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ପୋଲ ରହିଥିବାବେଳେ ଏହାର ମାତ୍ର ୧୦୦ ମିଟର ଦୂରରେ ଷ୍ଟେଟ ବ୍ୟାଙ୍କ ନିକଟରେ ଡ୍ରେନେଜ ବିଭାଗ ପକ୍ଷରୁ ଅନାବଶ୍ୟକ ଭାବେ ଏକ ପୋଲ ନିର୍ମାଣ କରାଯାଉଛି। ଯାହାକି କେବଳ ସରକାରୀ ଅର୍ଥର ଅପଚୟ ବ୍ୟତୀତ ଆଉ କିଛି ନୁହେଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସ୍ଲୁଇସ୍ ଗେଟ ଓ ଚେକ୍ ଡ୍ୟାମ୍ କରାଗଲେ ସଂରକ୍ଷିତ ଜଳକୁ ଚାଷ ସମେତ ବିଭିନ୍ନ କାର୍ଯ୍ୟରେ ଲଗାଯାଇପାରିବ। ଅଞ୍ଚଳର ଭୂତଳ ଜଳସ୍ତର ଠିକ୍ ରହିପାରିବ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ଏଥିପ୍ରତି ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ, ଜଳ ସମ୍ପଦ ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ଜଳ ସମ୍ପଦ ବିଭାଗ ସଚିବ, କଟକ ଜିଲାପାଳ ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# 'ହିଂସା, ଦ୍ୱେଷ ଗଣତନ୍ତ୍ର ଲାଗି ଶୁଭଙ୍କର ନୁହେ'

ତିର୍ତ୍ତୋଲ, ୧୩ା୫ (ଡି.ଏନ.ଏ.)

ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କ ମଧ୍ୟରେ ଭିନ୍ନ ମତବାଦ ରହୁ, କିନ୍ତୁ ପରସ୍ପର ମଧ୍ୟରେ ହିଂସା, ଦ୍ୱେଷ ରହିବା ଗଣତନ୍ତ୍ର ଲାଗି ଶୁଭଙ୍କର ନୁହେଁ ବୋଲି ଗଣତନ୍ତ୍ର ଜ୍ଞାନଯଜ୍ଞ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ତିର୍ତ୍ତୋଲ ବ୍ଲକ ଅଧୀନ ଆମ୍ବେରୀ ପଞ୍ଚାୟତ ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ପଦ୍ମଶ୍ରୀ ବାବା ବଳିଆଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରତିନିଧିମାନେ ଉପସ୍ଥିତ ରହି ଗଣତନ୍ତ୍ରର ସୁରକ୍ଷା ଉପରେ ଅଭିବ୍ୟକ୍ତି ରଖିଥିଲେ। ଏଥିରେ ରାଜନେତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ, ଜଗତ୍‌ସିଂହପୁର ଏମ୍‌ପି ଡାକ୍ତର ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପାରାଦୀପ ପୋର୍ଟ ଟ୍ରଷ୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର, ପାଟକୁରାର ବିଜେଡି ନେତା ସଞ୍ଜୟ ଅଗ୍ରୱାଲ, ଅବସରପ୍ରାପ୍ତ ଜିଲାପାଳ କିଶୋର ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇଥିଲେ।



ଗଣତନ୍ତ୍ର ଜ୍ଞାନଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ନୀଳାଚଳ କର୍ତ୍ତୃପକ୍ଷଙ୍କୁ ଠିକା ଶ୍ରମିକଙ୍କ ଦାବିପତ୍ର

କଳିଙ୍ଗନଗର,୧୩ା୫(ଡି.ଏନ.ଏ.)

ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ନୀଳାଚଳ କାରଖାନାକୁ ନୂତନ ଭାବେ ନେଇଥିବା ଟାଟା ଲଙ୍ଗ୍ ପ୍ରଡକ୍ଟ କମ୍ପାନୀକୁ ଠିକା ଶ୍ରମିକମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘଦିନ ଧରି ବନ୍ଦ ପଡ଼ିଥିବା କାରଖାନା ଚାଲିବା ନେଇ କାମ ଆରମ୍ଭ ହୋଇଥିବାରୁ କାରଖାନାର ସମସ୍ତ ଠିକା ଶ୍ରମିକ ଏକତ୍ରିତ ହୋଇ ସେମାନଙ୍କ ନିଯୁକ୍ତି ବୃତ୍ତାନ୍ତ କରିବାକୁ ନୂତନ ପରିଚାଳନା କର୍ତ୍ତୃପକ୍ଷଙ୍କୁ ୩ ଦଫା ଦାବିପତ୍ର ଦେଇଛନ୍ତି। ଠିକା ଶ୍ରମିକଙ୍କ କାର୍ଯ୍ୟ ଦକ୍ଷତା ଓ ଅଭିଜ୍ଞତା ଆଧାରରେ ସ୍ଥାୟୀ ନିଯୁକ୍ତି, ସମସ୍ତ ବକେୟା ଦରମା ପ୍ରଦାନ ଓ ସମସ୍ତ ଠିକା ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଆଦି ଦାବିରେ କଳିଙ୍ଗନଗର ମଜଦୁର ୟୁନିୟନ ବ୍ୟାନରରେ ଏହି ଦାବିପତ୍ର ଦିଆଯାଇଛି। ସମ୍ପାଦକ ବିଭୂତି ଭୂଷଣ ଜେନା ଓ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଶ୍ରମିକମାନେ ଦାବି ଉପସ୍ଥାପନ କରିଛନ୍ତି। ତେବେ ଦାବିପୂରଣ ନ ହେଲେ ଜୋରଦାର୍ ଆନ୍ଦୋଳନ କରାଯିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି।

## କୁଣ୍ଡା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓଲଟିଲା

ନରସିଂହପୁର,୧୩ା୫ (ସ୍ୱ.ପ୍ର.)

ନରସିଂହପୁରସ୍ଥିତ ବାଘୁଆପାଳ ଛକରେ ଏକ କୁଣ୍ଡା ବୋଝେଇ ପିକଅପ୍ ଭ୍ୟାନ ଶୁକ୍ରବାର ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟିପଡିଛି। ସୌଭାଗ୍ୟବଶତଃ ଚାଳକ ଓ ଅନ୍ୟ ୨ ଜଣ ବର୍ତ୍ତିଯାଇଛନ୍ତି। ପିକ୍‌ଅପ୍ ଭ୍ୟାନଟି ଅନୁଗୋଳରୁ ୫୦ ବସ୍ତା କୁଣ୍ଡା ବୋଝେଇ କରି ବୁଢ଼ାବୁଢ଼ୀ ଘାଟି ରାସ୍ତା ଦେଇ ନରସିଂହପୁର ଆସୁଥିବା ବେଳେ ବାଘୁଆପାଳ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଖବରପାଇ ନରସିଂହପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ରାସ୍ତା ଉପରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ହଟାଇଛି।

# 'ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳା ଅବର୍ଣ୍ଣନୀୟ'



ରାଜେନ୍ଦ୍ର ବେହେରାଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

ଜଗତ୍‌ସିଂହପୁର ଅଫିସ,୧୩ା୫

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଓ ମହିମାର ପଟାନ୍ତର ନାହିଁ। ସେ କେବଳ ଭାରତରେ ନୁହନ୍ତି ବିଶ୍ୱବ୍ୟାପୀ ପରିବ୍ୟାପ୍ତ। ସେନେଇ ଅନନ୍ତ ଲୀଳା ଭିତରେ ମହାପ୍ରଭୁଙ୍କ ମାନବୀୟ ଲୀଳା ଆମକୁ ଉଦ୍‌ବୁଦ୍ଧ କରିଥାଏ। ସୁସ୍ଥ ଜୀବନ ଯାପନ ପାଇଁ ପ୍ରେରଣା ଯୋଗାଇଥାଏ। ସ୍ଥାନୀୟ ପାଟେଣୀଗାଁସ୍ଥିତ ବଟ ଶ୍ରୀକ୍ଷେତ୍ରର ପଞ୍ଚଦଶ ବାର୍ଷିକ ଉତ୍ସବର ଦ୍ୱିତୀୟ ଅର୍ଥାତ୍ ସୁଦର୍ଶନ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିପିଏଲ୍ (ପାରାଦୀପ ଫସଫେଟ୍ ଲିମିଟେଡ୍)ର ପୂର୍ବତନ ମୁଖ୍ୟ ପରିଚାଳକ ତଥା ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ସମ୍ପାଦକ ଡ. ପୀତବାସ ରାଉତରାୟ ଏହା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ସିବି ମେଡିକାଲ କଲେଜର ନ୍ୟୁରୋସର୍ଜରି ବିଭାଗ ପ୍ରାଧ୍ୟାପକ ଡ. ରବିନାରାୟଣ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ମହାପ୍ରଭୁଙ୍କ ବିଚିତ୍ର ଲୀଳା ଓ ତାଙ୍କ ଅନୁଭୂତି ଉପରେ ବର୍ଣ୍ଣନା କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶରଣାରବିନ୍ଦ ଓଝା କହିଥିଲେ, ସାରା ଓଡ଼ିଶାରେ ଥିବା ବିଭିନ୍ନ ମନ୍ଦିରର ଐତିହ୍ୟ, ପରମ୍ପରା, ବିଶେଷକରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅଲୌକିକ ଲୀଳା ଅବର୍ଣ୍ଣନୀୟ। ଉତ୍ସବରେ ବଟ

### ବଟ ଶ୍ରୀକ୍ଷେତ୍ରର ସୁଦର୍ଶନ ସନ୍ଧ୍ୟା

ଶ୍ରୀକ୍ଷେତ୍ର ପରିଚାଳନା କମିଟି ସଭାପତି ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର ପୌରୋହିତ୍ୟ କରିଥିଲେ। ବଟ ଶ୍ରୀକ୍ଷେତ୍ର ଟ୍ରଷ୍ଟ ଅଧ୍ୟକ୍ଷ ଡ. ଅଭୟ ନାୟକ ସ୍ୱାଗତ ଭାଷଣ, ନିର୍ମାଲ୍ୟର ମୁଖ୍ୟ ସମ୍ପାଦକ ରବୀନ୍ଦ୍ର ନାଥ ନାୟକ ଅତିଥି ପରିଚୟ ଓ ନବ କାକଳିର ସମ୍ପାଦକ ଡ. ସୁରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଗଡ଼କୁଜଙ୍ଗସ୍ଥିତ କୁଞ୍ଜବିହାରୀ ମନ୍ଦିରର ଅନନ୍ୟ ସେବକ ରାଜେନ୍ଦ୍ର ବେହେରାଙ୍କୁ ଶ୍ରୀ ସୁଦର୍ଶନ ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବଟ ଶ୍ରୀକ୍ଷେତ୍ରର ଇଲେକ୍ଟ୍ରୋନିକ୍ ନାମଫଳକକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଡାକ୍ତର ନାହାନ୍ତି, ଚିକିତ୍ସାରୁ ବଞ୍ଚିତ ରୋଗୀ

### କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

■ ଆୟୁଷ ଡାକ୍ତର ହିଁ ଭରସା

କୁଜଙ୍ଗ, ୧୩ା୫ (ଡି.ଏନ.ଏ.)

ସ୍ୱାସ୍ଥ୍ୟ ସେବା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହୁଛନ୍ତି। ହେଲେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ରୋଗୀ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। କେବଳ ଜଣେ ଆୟୁଷ ଡାକ୍ତରଙ୍କୁ ଭରସା କରି ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଅଭିଯୋଗ ହେଉଛି।

କୁଜଙ୍ଗ ଅଞ୍ଚଳର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ନିମନ୍ତେ ତତ୍କାଳୀନ ବଙ୍ଗୀୟ ଜମିଦାର ଉଦୟଚାନ୍ଦ ମହତାବ ୧୮୯୩ରେ ଏଠାରେ ଏକ ଡିସ୍‌ପେନ୍‌ସାରୀ ପ୍ରତିଷ୍ଠା କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଉକ୍ତ ଡିସ୍‌ପେନ୍‌ସାରୀକୁ ହାତକୁ ନେଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)ର ମାନ୍ୟତା ପ୍ରଦାନ କରିଥିଲେ। ୨୦୦୬ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ମିଳିଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମ ଅନୁସାରେ, ଅଧୀକ୍ଷକଙ୍କ ସମେତ ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ, ଜଣେ ଶିଶୁ ରୋଗ, ଜଣେ ସର୍ଜରୀ, ଜଣେ ଭେଷଜ ବିଶେଷଜ୍ଞ ଓ ଜଣେ ଏମ୍‌ବିବିଏସ୍ ଡାକ୍ତର ଏହିପରି ମୋଟ୍ ୬ ଜଣ ଡାକ୍ତର ରହିବା କଥା। କିନ୍ତୁ ପରିତାପର ବିଷୟ ଦୀର୍ଘବର୍ଷ ହେବ ଏଠାରେ ଜଣେ ହେଲେ ବିଶେଷଜ୍ଞ ନ ଥିବା ବେଳେ ଅଧୀକ୍ଷକ ଓ ଜଣେ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତ ଅଛନ୍ତି। ଅଧୀକ୍ଷକ ଅଧିକାଂଶ ସମୟ ଜଗତ୍‌ସିଂହପୁର ଜିଲା ସଦର ମହକୁମାକୁ ବିଭିନ୍ନ କାମ ଓ ଅନ୍ୟ ସରକାରୀ କାର୍ଯ୍ୟରେ କ୍ଷେତ୍ର ପରିଦର୍ଶନରେ ଯାଉଥିବାରୁ ଅନୁପସ୍ଥିତ ରହୁଛନ୍ତି। ଅନ୍ୟ ଜଣେ ଏମ୍‌ବିବିଏସ୍ ଡାକ୍ତର ସପ୍ତାହକୁ ୩ ଦିନ ଉଭୟ ରାତି ଓ ଦିନ ବେଳା ଡ୍ୟୁଟି କରି ଡାକ୍ତରଖାନାରେ ଅନୁପସ୍ଥିତ ରହନ୍ତି। ଫଳରେ ରୋଗୀ ଅନ୍ୟ ଉପାୟ ନ ପାଇ ଆୟୁଷ ଡାକ୍ତରଙ୍କ ଉପରେ ଭରସା କରୁଛନ୍ତି। ପ୍ରସୂତିଙ୍କ ପ୍ରସବ ଯନ୍ତ୍ରଣା ସମୟରେ ଖର୍ଚ୍ଚାନ୍ତ ହୋଇ ପ୍ରାୟ ୬୦ କିମି ଦୂର ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି। ଏଠାରେ ଶିଶୁ ବିଶେଷଜ୍ଞ ନ ଥିବାରୁ ଛୋଟଛୁଆଙ୍କୁ ଖର୍ଚ୍ଚାନ୍ତ ହୋଇ କଟକ ନେବାକୁ ପଡୁଛି। କାହାର କୌଣସି ସାଧାରଣ ଅସ୍ତ୍ରୋପଚାର ଆବଶ୍ୟକତା ପଡିଲେ ବା କୌଣସି ରୋଗ ପାଇଁ ଭେଷଜ ବିଶେଷଜ୍ଞଙ୍କ ଆବଶ୍ୟକତା ପଡିଲେ ଜନସାଧାରଣଙ୍କୁ ୧୦୦ କିମି ଦୂର କଟକ ଯିବାକୁ ପଡୁଛି। ଅନ୍ୟପକ୍ଷେ କୁଜଙ୍ଗ, ଏରସମା, ଜଟାଧାର, ପାରାଦୀପ ଲକ୍, ଅଭୟଚାନ୍ଦପୁର, ସାମୁଦ୍ରିକ ଥାନା ଓ ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ କୌଣସି ଅପମୃତ୍ୟୁ ବା ଦୁର୍ଘଟଣାଜନିତ ମୃତ୍ୟୁରେ ମୃତଦେହ ବ୍ୟବଚ୍ଛେଦ ଏଠାରେ ହୋଇଥାଏ। ତେଣୁ ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତର ଚାଲିଗଲେ, ଡାକ୍ତରଖାନାରେ ରୋଗୀ ସେବା ଠପ୍ ହୋଇଯାଉଛି। ଏଠାରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କୁଜଙ୍ଗ ବ୍ଲକର ୨୮ଟି ପଞ୍ଚାୟତ ସମେତ ଏରସମା ବ୍ଲକର ୧୦ଟି ପଞ୍ଚାୟତ, କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା, ମାର୍ଶାଘାଇ ଓ ଗରଦପୁର ବ୍ଲକ୍‌ର ୧୦ଟି ପଞ୍ଚାୟତର ଲୋକେ ନିର୍ଭରଶୀଳ। ପ୍ରତ୍ୟହ ୫ ନଂ.(କ) ଜାତୀୟ ରାଜପଥ, ପାରାଦୀପ ଶିଳ୍ପାଞ୍ଚଳ, କଟକ-ପାରାଦୀପ ରାସ୍ତାରେ ଘଟୁଥିବା ଦୁର୍ଘଟଣାରେ ଗୁରୁତର ହୋଇ ଆସୁଥିବା ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ, ୧୫ ବର୍ଷର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପାଇବା ପରେ କେବଳ ୨ ବର୍ଷ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଏଠାରେ କାର୍ଯ୍ୟ କରିଛନ୍ତି। ଡାକ୍ତର ନ ଥିବା ସମ୍ପର୍କରେ ଅଧୀକ୍ଷକ ଡା. ପ୍ରସନ୍ନ ପଣ୍ଡାଙ୍କୁ ପଚାରିବାରେ ସମସ୍ୟା ସମ୍ପର୍କରେ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ। ଆମର କିଛି କରିବାର ନାହିଁ। ଡାକ୍ତର ନିଯୁକ୍ତି ସରକାରଙ୍କ ଉପରେ ନିର୍ଭର କରୁଛି। ଆଗକୁ ବର୍ଷାଦିନ ଆସୁଛି। ଜ୍ୱର, ଥଣ୍ଡା, କାଶ, ଝାଡ଼ାବାନ୍ତି, ଡେଙ୍ଗୁ ରୋଗ ବଢ଼ିବା ଆଶଙ୍କା ଅଛି। ବିନା ଡାକ୍ତରରେ କେମିତି ରୋଗୀ ଚିକିତ୍ସା ପାଇବେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଥିପ୍ରତି ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।



## ସଂକ୍ଷେପରେ

### ସିଇଓ ଚାକିରିକୁ ନେଇ ଆଲୋଚନା ଜାରି

**କେନ୍ଦ୍ରାପଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କ**

**କେନ୍ଦ୍ରାପଡ଼ା ଅଫିସ, ୧୩।୫:** କେନ୍ଦ୍ରାପଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସୁଶୀଲ କୁମାର ସାମଲଙ୍କର କାର୍ଯ୍ୟକାଳ ଚଳିତ ମାସ ୩୧ ତାରିଖରେ ଶେଷ ହେଉଛି। ଏହି ପଦବୀରେ ପୁନର୍ବାର ରହିବା ପାଇଁ ସିଇଓ ସୁଶୀଲ ଚେଷ୍ଟା କରୁଥିବା ନେଇ ସଭ୍ୟଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। କେତେଜଣ ସଭ୍ୟ କହିଛନ୍ତି, ବ୍ୟାଙ୍କର ବାଇ ଲ' ଅନୁଯାୟୀ ୫୮ ବର୍ଷରେ ଅବସର ନେବା କଥା। ତାଙ୍କ ସ୍ଥାନରେ ବ୍ୟାଙ୍କର ସର୍ବ ବରିଷ୍ଠ ଅଧିକାରୀ ନିୟମ ଅନୁସାରେ ସିଇଓ ଭାବେ ଅବସ୍ଥାପିତ ହେବେ। କିନ୍ତୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅଧିକ ଦୁଇବର୍ଷ ହେଲା କାର୍ଯ୍ୟ କରିଆସୁଛନ୍ତି। ଏହାସତ୍ତ୍ୱେ ବି ତାଙ୍କର ଚାକିରି ମୋହ ତୁଟିନାହିଁ। ଆଗକୁ ବ୍ୟାଙ୍କ ପରିଚାଳନା କମିଟି ନିର୍ବାଚନ ଥିବାରୁ ଏହି ଆଳରେ ନିଜର ଚାକିରି ସମୟକୁ ଆଉ କିଛିଦିନ ଗଡ଼ାଇ ଦେବାକୁ ସେ ମସୁଧା ଚଳାଇଛନ୍ତି। ଏଥିପାଇଁ ସେ ରାଜ୍ୟ ସମବାୟ ନିବନ୍ଧକଙ୍କ ନିକଟରେ ଆବେଦନ କରି ନିରାଶ ହେବା ପରେ ବ୍ୟାଙ୍କର ନିର୍ବାଚନ ଅଧିକାରୀଙ୍କ ଜରିଆରେ ପଦବୀ ହାସଲ ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏ ସମ୍ପର୍କରେ ସିଇଓ ସାମଲଙ୍କୁ ପଚାରିବାରେ ନିଜ ଚାକିରି କାଳ ବୃଦ୍ଧି ନେଇ କୌଣସି ଉଦ୍ୟମ କରୁନାହାଁ। ନିର୍ବାଚନ ପରିଚାଳନାରେ ସହଯୋଗ ପାଇଁ ନିର୍ବାଚନ ଅଧିକାରୀ ତାଙ୍କ ପାଇଁ ସୁପାରିସ କରିଥିଲେ ବୋଲି ସେ କହିଛନ୍ତି।

### ପ୍ରତାରଣା ମାମଲାରେ ଯୁବକ କୋର୍ଟଚାଲାଣ

**ଧର୍ମଶାଳା, ୧୩।୫(ଡି.ଏନ.ଏ.):** ଯୁବତୀଙ୍କୁ ପ୍ରତାରଣା ମାମଲାରେ ପୋଲିସ ଗିରଫ କରିଥିବା ଯୁବକଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସମ୍ପୃକ୍ତ ଯୁବକ ହେଲେ ଧର୍ମଶାଳା ଥାନା ବଡ଼ମଙ୍ଗଳପୁର ପଞ୍ଚାୟତ କାଇପଡ଼ା ଗ୍ରାମର ବଳରାମ ତରାଇ(୨୬)। ବଳରାମଙ୍କ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତେବେ ବଳରାମ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଫଳରେ ଯୁବତୀ ଅନ୍ତଃସତ୍ତ୍ୱା ହୋଇଥିଲେ। ଏସମ୍ପର୍କରେ ସେ ଯୁବକଙ୍କୁ ଜଣାଇବା ସହିତ ବିବାହ କରିବାକୁ କହିଥିଲେ। ହେଲେ ଯୁବକ ବିବାହ ପ୍ରସ୍ତାବରେ ଅରାଜି ହେବା ସହ ଗର୍ଭପାତ କରେଇବା ପାଇଁ କହିଥିଲା। ହେଲେ ଯୁବତୀ ଗର୍ଭପାତ ପାଇଁ ରାଜି ହୋଇ ନ ଥିଲେ। ଏସମ୍ପର୍କରେ ପରିବାର ଲୋକଙ୍କୁ କିଛି ଜଣାଇ ନ ଥିଲେ। ତେବେ ସମୟକ୍ରମେ ଯୁବତୀଙ୍କ ପେଟ ଯନ୍ତ୍ରଣା ହେବାରୁ ଟ୍ୟୁମର ହୋଇଥିବା ଭାବି ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହି ସମୟରେ ଯୁବତୀଙ୍କ ଗର୍ଭରୁ ଏକ ମୃତ ଶିଶୁପୁତ୍ର ଜନ୍ମ ହୋଇଥିଲା। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ପୋଲିସ ନଂ.୨୫୬/୨୨ରେ ମାମଲା ରୁଜୁ କରି ବଳରାମଙ୍କୁ ଗୁରୁବାର ରାତିରେ ଗିରଫ କରିଥିଲା। ଶୁକ୍ରବାର ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି।

### ବେଙ୍ଗାଲୁରୁରେ ଦାଦନ ଶ୍ରମିକ ମୃତ

**କେନ୍ଦୁଝର, ୧୩।୫ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ ଚିପିଣ୍ଡା ଗାଁର ଗୋକୁଳ ଚନ୍ଦ୍ର ପାତ୍ରଙ୍କର ବେଙ୍ଗାଲୁରୁରେ ମୃତ୍ୟୁ ଘଟିଛି। ସେ ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇଥିଲେ। ଗୁରୁବାର ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ସେଠାରେ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଶୁଖିଗଲାଣି ୭ ନଦୀର ଜଳଧାରା

**କେନ୍ଦ୍ରାପଡ଼ା ଅଫିସ, ୧୩।୫**



କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଲୁଣା ନଦୀ ଶୁଖିଲା ପଡିଛି।

- ୧୧୧୪ ଉଠା ଜଳସେଚନ ପ୍ରକଳ୍ପ ଅଚଳ
- ବର୍ଷା ନ ହେଲେ ପଡିଆ ପଡିବ ୨୫ ହଜାର ହେକ୍ଟର ଜମି

କେନ୍ଦ୍ରାପଡ଼ା ଜିଲାରେ ସାମୁଦ୍ରିକ ଝଡ ଅସାନିର ବର୍ଷା ପାଣି ପଡିଲାନାହିଁ। ଗତ ୪ ତାରିଖରୁ ଅକ୍ଷୟ ତୃତୀୟା ପାଳନ ହୋଇଥିବା ବେଳେ ମୌସମୀ ବର୍ଷା ଜୁନ ପ୍ରଥମ ସପ୍ତାହ ପୂର୍ବରୁ ଆସିବା ସମ୍ଭାବନା ନାହିଁ। ଖରିଫ ଚାଷର ଜମିକୁ ଉପଯୁକ୍ତ କରିବାକୁ ହଳ ହେବା ଆବଶ୍ୟକ। ଖରାଦିନ ଆରମ୍ଭରୁ ଜିଲାରେ ପ୍ରବାହିତ ୭ ନଦୀର ଜଳଧାରା ଶୁଖିଯାଇଛି। କୃଷି ଅର୍ଥନୀତି ଭିତ୍ତିକ ଓ ରାଜ୍ୟର ବୃହତ୍ତମ ନଦୀପଥ ଥିବା ଏହି ଜିଲାରେ କ୍ଷେତକୁ ପାଣି ସମସ୍ୟା ଏବେ ବଢ଼ି ଚାଲିଛି। ନଦୀରେ ପାଣି ନ ଥିବାରୁ ଜିଲାର ୧୧୧୪ ଉଠା ଜଳସେଚନ ପ୍ରକଳ୍ପ ଅଚଳ ହେବାକୁ ବସିଥିବା ବେଳେ ୨୫,୭୧୮ ହେକ୍ଟର ଅଞ୍ଚଳର ଜମି ପଡିଆ ହେବାକୁ ଯାଉଛି। ଯାହା ଚାଷୀଙ୍କ ମୁଣ୍ଡବ୍ୟାଥାର କାରଣ ପାଲଟିଛି।

ଏ ସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର, ଗୟାଧର ଧଳ, ବିଜୟ କୁମାର ପରିଡା, ଚାଷୀ ନିରଞ୍ଜନ ପରିଡା, ଚିତ୍ତରଞ୍ଜନ ଦାସ ପ୍ରମୁଖ କହିଛନ୍ତି, ଜିଲାର ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ୭ ନଦୀ ଅଛି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ବନ୍ଧ ନିର୍ମାଣ କରିବା ପରେ ନିମ୍ନ ଅବବାହିକାରେ ଥିବା ଜିଲାର ଲୁଣା, ପାଇକା, ଚିତ୍ରୋତ୍ପଳା, ମହାନଦୀ, ବିରୂପା ନଦୀ ଜଳସ୍ତର ହ୍ରାସ ପାଇଛି। ସେହିପରି ଗୋବରୀ, ବ୍ରାହ୍ମଣୀ, ବୈତରଣୀ ସିଷ୍ଟମରେ ଥିବା ଖରସ୍ରୋତା ନଦୀରେ ଜଳସ୍ତର ହ୍ରାସ ପାଇଛି। କେନାଲ ଶୁଖିଲା ପଡିଥିବା ବେଳେ ଖରା କାରଣରୁ ପୋଖରୀରେ ଜଳ ନାହିଁ। ଜିଲାର ୧ ଲକ୍ଷ ୫୨ ହଜାର ହେକ୍ଟର ଚାଷ ଜମି ମଧ୍ୟରୁ ୮୬,୧୩୨ ହେକ୍ଟରକୁ କେନାଲ, ଉଠା ଜଳସେଚନ ପ୍ରକଳ୍ପ, ସାଲୋ ଟ୍ୟୁବୱେଲ, ଅନ୍ୟାନ୍ୟ ଜଳ ଉତ୍ସକୁ ବ୍ୟବହାର କରାଯାଇଥାଏ। ତେବେ ଏହି ନଦୀଗୁଡିକ ଏବେ ଜଳଧାରଣ କ୍ଷମତା ହରାଇଛି। ନଦୀଗୁଡିକର ବହୁ ସ୍ଥାନରେ ପାଣି ବଦଳରେ କେବଳ ବାଲି ଦେଖାଯାଉଛି। ନଦୀକୂଳିଆ ଅଞ୍ଚଳବାସୀ ପାନୀୟ ଜଳକଷ୍ଟ ଭୋଗୁଛନ୍ତି। ନଦୀଜଳର ସ୍ରୋତ କମିବା ଯୋଗୁ ନଳକୂପ, କୂଅ, ପୋଖରୀରେ ଜଳ ଉତ୍ତୋଳନ କଷ୍ଟ ଲାଗି ରହିଛି। ସେହିପରି ନଦୀଜଳକୁ ନିର୍ଭର କରି ହଜାର ହଜାର ମତ୍ସ୍ୟଜୀବୀ ପରିବାର ପ୍ରତିପୋଷଣ କରୁଥିବା ବେଳେ ତାହା ଏବେ ସଙ୍କଟଜନକ ସ୍ଥିତିରେ ଅଛି। ମୌସୁମୀ ସମୟରେ ଏହି ନଦୀର ଜଳସ୍ତର ବଢ଼ି ଜିଲାର ୫୫ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି କରେ। ଏବେ ଚାଷ ପାଇଁ ଜଳସଙ୍କଟ ଦେଖାଯାଇଛି। ଖରିଫ ଚାଷ ସମୟରେ ପୂର୍ବରୁ ଉଠା ଜଳସେଚନ ପ୍ରକଳ୍ପ ସହାୟକ ହେଉଥିଲା। ଏଥିପାଇଁ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ୮୨ଟି, ଡେରାବିଶରେ ୩୭ଟି, ମାର୍ଶାଘାଇରେ ୧୦୦ଟି, ମହାକାଳପଡ଼ାରେ ୧୧୯ଟି, ଗରଦପୁରରେ ୯୭ଟି, ପଟ୍ଟାମୁଣ୍ଡାଇରେ ୧୩୮ଟି, ଆଳିରେ ୨୪୮ଟି, ରାଜକନିକାରେ ୧୮୦ଟି ଓ ରାଜନଗରରେ ୧୧୩ଟି ଉଠା ଜଳସେଚନ ପ୍ରକଳ୍ପ ସରକାରୀ ପ୍ରୋତ୍ସାହନରେ କାର୍ଯ୍ୟକାରୀ ହେଉଥିଲା। ସେହିପରି ନଦୀ ଜଳକୁ ଭିତ୍ତି କରି ୩,୦୬୩ ସାଲୋ ଟ୍ୟୁବୱେଲ ଓ ୧,୦୬୨୪ଟି ଜଳ ଉତ୍ସ ଚାଷ କାର୍ଯ୍ୟରେ ବ୍ୟବହାର ହେଉଥିଲା। କିନ୍ତୁ ନଦୀ ଜଳସ୍ତର ହ୍ରାସ ଯୋଗୁ ଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କା ଥିବା ବେଳେ ଚାଷୀ ଏବେ ମୌସୁମୀ ବର୍ଷାକୁ ଅପେକ୍ଷା କରିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତଙ୍କୁ ପଚାରିବାରେ ଖରାଦିନ ପାଇଁ ନଦୀ ଜଳସ୍ତର କମିଛି। ଏହି ସମୟରେ ନଦୀବନ୍ଧର ଦୁର୍ବଳ ସ୍ଥାନ ମରାମତି ସହ ନଦୀପଥକୁ ପରିଷ୍କାର କରାଯାଉଛି। ନଦୀ ପଠାଗୁଡିକର ମାଟି କେତେ ସ୍ଥାନରେ ଜଳପଥକୁ ବନ୍ଦ କରୁଥିବା ସେ କହିଛନ୍ତି।

### କୃତୀ ଦୌଡ଼ ପ୍ରତିଯୋଗୀ ଲିଜାରଣୀଙ୍କୁ ସମ୍ବର୍ଦ୍ଧନା



**ଡେରାବିଶ, ୧୩।୫(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳସ୍ଥିତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଦୌଡ଼ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଲିଜାରାଣୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କୃତୀ କ୍ରିଡ଼ାବିତ୍ ଲିଜାରାଣୀ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ତରାଣ୍ଡୋ ଗାଁର କିଶୋର ବେହେରାଙ୍କ ଝିଅ ଅଟନ୍ତି। ଚଳିତ ରାଜ୍ୟସ୍ତରୀୟ କ୍ରିଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦୌଡ଼ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟପଦକ ହାସଲ କରିବା ସହ କେନ୍ଦ୍ରାପଡ଼ାର ସମ୍ମାନ ବୃଦ୍ଧି କରିଛନ୍ତି। ଏଥିପାଇଁ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଲିଜାରାଣୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଭବିଷ୍ୟତରେ ଜାତୀୟ ସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦେଶ ପାଇଁ ସମ୍ମାନ ଆଣିଦେବାକୁ ପ୍ରଭୁ ବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# କିନ୍ନରଙ୍କ ତାଳି, ହୁଳହୁଳିରେ ନରମିଲା ପୋଲିସ

**କେନ୍ଦ୍ରାପଡ଼ା ଅଫିସ, ୧୩।୫**



ଏସ୍‌ପି ଅଫିସ ସମ୍ମୁଖରେ କିନ୍ନରମାନଙ୍କ ବିକ୍ଷୋଭ।

କେନ୍ଦ୍ରାପଡ଼ା ଜିଲା ଏସ୍‌ପି ଅଫିସ ପ୍ରାୟ ୪ ଘଣ୍ଟା ଧରି ତାଳି ଓ ହୁଳହୁଳିରେ କମ୍ପିଥିଲା। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ୫ ଶହରୁ ଊର୍ଦ୍ଧ୍ୱ କିନ୍ନର ଏହି ବିକ୍ଷୋଭ ଶୁକ୍ରବାର ପ୍ରଦର୍ଶନ କରିଥିଲେ। ଶେଷରେ ଏସ୍‌ପି ମଡକର ସମ୍ପିତ ସମ୍ପଦ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପତିଶ୍ରୁତି ପରେ ବିକ୍ଷୋଭ ହଟି ଥିଲା। ଏ ସମ୍ପର୍କରେ କାଜଲ କିନ୍ନର କହିଛନ୍ତି, କେନ୍ଦ୍ରାପଡ଼ା ସହରର କଜଳାରେ କେତେଜଣ କିନ୍ନର ସରକାରୀ ଜମିରେ ରହୁଛନ୍ତି। ଏହାକୁ ବିରୋଧ କରି କେତେଜଣ ଆଦିବାସୀ ସମ୍ପ୍ରଦାୟ ଲୋକ ଏହି କିନ୍ନରଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଏହାକୁ ନେଇ ଗତ ୫ ଦିନ ପୂର୍ବେ ଟାଉନ ଥାନାରେ ଅଭିଯୋଗପତ୍ର ଦିଆଯାଇଥିଲା। ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ନ ହେବାରୁ ରାଜ୍ୟ କିନ୍ନର ସଂଘ ପକ୍ଷରୁ ଏହି ବିକ୍ଷୋଭ କରାଯାଇଥିଲା। ବିକ୍ଷୋଭ ଆରମ୍ଭରେ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା ଓ ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ କିନ୍ନରମାନେ ଶୁଣି ନ ଥିଲେ। ବିକ୍ଷୋଭରେ ସାମାଜିକ କର୍ମୀ ପ୍ରତାପ ସାହୁ, ରାଜ୍ୟ ସଂଘ ସଭାପତି ସୁଇଟି ସାହୁ, କେନ୍ଦ୍ରାପଡ଼ା ଜିଲା ସଭାପତି ଦେବିକା ବାରିକ, ରାଜଶ୍ରୀ କିନ୍ନର, ପ୍ରାଚୀ କିନ୍ନର ପ୍ରମୁଖ ଯୋଗ ଦେଇଥିଲେ।

# 'ଅଞ୍ଚଳର ବିକାଶ ଚିତ୍ର ବଦଳିବ'



ପଞ୍ଚାୟତ ସମିତି ବୈଠକରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

**ମହାକାଳପଡ଼ା, ୧୩।୫ (ଡି.ଏନ.ଏ.)**

**ମହାକାଳପଡ଼ା ପ୍ରଥମ ସାଧାରଣ ପଞ୍ଚାୟତ ସମିତି ବୈଠକ**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପଞ୍ଚାୟତ ସମିତି ପ୍ରଥମ ସାଧାରଣ ବୈଠକ ସଭାଗୃହଠାରେ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ବୈଠକକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ବୈଠକରେ ବିଧାୟକ ନାୟକ ଶୋକ ପ୍ରସ୍ତାବ ଆଗତ କରିବା ସହ ସ୍ୱର୍ଗତ ବିଜୟ କୁମାର ପ୍ରଧାନଙ୍କ ଦେହାନ୍ତରେ ଦୁଇ ମିନିଟ୍ ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟ ନୀରବ ପ୍ରାର୍ଥନା କରିଥିଲେ। ପରେ ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧି ନିଜ ନିଜ ପରିଚୟ ପ୍ରଦାନ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତର ସମସ୍ୟାଗୁଡ଼ିକ ଯଥା ପାନୀୟ ଜଳ, ଆବାସ ଯୋଜନା, ଭତ୍ତା, ଗ୍ରାମ୍ୟ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ମିଶନ ଶକ୍ତି, ବିଦ୍ୟୁତୀକରଣ, ମହାକାଳପଡା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ବିଧାୟକ ନାୟକ କହିଥିଲେ ଅଞ୍ଚଳର ବିକାଶ ଚିତ୍ର ଆଗାମୀ ୫ବର୍ଷ ମଧ୍ୟରେ ବଦଳିବ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଦେବାଶିଷ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ନାୟକ, ବ୍ଲକ ଉପାଧ୍ୟକ୍ଷ ବିଜୟ ଶୁକ୍ଳା, ଜିଲାପରିଷଦ ସଭ୍ୟା ସସ୍ମିତା ସ୍ୱାଇଁ, ଅନୁରାଧା ସ୍ୱାଇଁ, ସୁବୋଧ ଲେଙ୍କା, ଅପୁ ପରିଡ଼ା, ମୃତ୍ୟୁଞ୍ଜୟ ମଣ୍ଡଳ, ସରପଞ୍ଚ ଅରବିନ୍ଦ ଜେନା, ରତିକାନ୍ତ ପଣ୍ଡାଙ୍କ ସମେତ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।

### ଅମୃତ ସରୋବର ଭିତ୍ତିପ୍ରସ୍ତର ସ୍ଥାପନ

**ରାଜନଗର, ୧୩।୫(ଡି.ଏନ୍.ଏ.)**

ସ୍ୱାଧୀନତା ୭୫ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ଯୋଜନାରେ କେନ୍ଦ୍ରାପଡ଼ା ଜିଲାର ୭୫ଟି ଅମୃତ ପୁଷ୍କରିଣୀ ଖନନ କରାଯିବ। ଏହି ପରିପ୍ରେକ୍ଷୀରେ ରାଜନଗରରେ ୧୦ଟି ପୁଷ୍କରିଣୀ ଖନନ କରାଯିବ। ଏନେଇ ଶୁକ୍ରବାର ରାଜନଗର ବ୍ଲକ ସାନବଡ଼ ଗୋପାଳପୁର ପଞ୍ଚାୟତର ଗୋସିଗାଁସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କ ପୀଠ ପରିସରରେ ଅମୃତ ସରୋବର ପୁଷ୍କରିଣୀର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ଥାନୀୟ ସରପଞ୍ଚ ଗୋଲୋକ ବିହାରୀ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ସ୍ୱାଧୀନତା ସଂଗ୍ରାମୀ ମୁରଲିଧର ରାଉତ, କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱାଧୀନ କୁମାର ସ୍ୱାଇଁ, ଜିଆର୍‌ଏସ୍ ପ୍ରଫୁଲ୍ଲ କୁମାର ସାହୁ, ଗଣେଶ୍ୱର ରାଉତ, ଅନନ୍ତ କିଶୋର ରାଉତ, କ୍ଷିରୋଦ ରାଉତ ପ୍ରମୁଖ ଉପସ୍ଥିତ ଥିଲ। ସ୍ୱାଧୀନତା ସଂଗ୍ରାମୀ ମୁରଲିଧର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ନ୍ୟାୟ ପାଇଁ ପ୍ରେମିକଙ୍କ ଘରେ ଆଦିବାସୀ ପୀଡ଼ିତା

**ମହାକାଳପଡ଼ା, ୧୩।୫ (ଡି.ଏନ.ଏ.)**

**କନ୍ଧମାଳ ଦାରିଙ୍ଗବାଡ଼ିରୁ ଖରିନାସୀ କାଳିବାଡ଼ି**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଅଞ୍ଚଳର ଆଦିବାସୀ ଯୁବତୀ ଝିଲିମା ପ୍ରଧାନ (୨୪) ନ୍ୟାୟ ପାଇଁ ପ୍ରେମିକ ଘରେ ପହଞ୍ଚି ନ୍ୟାୟ ଦାବି କରି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବ୍ଲକର ଖରିନାସୀ ଗ୍ରାମ କାଳିବାଡ଼ି ଅଞ୍ଚଳର ରାକେଶ ବୈରାଗୀ (୨୮)ଙ୍କ ସହ ୨୦୧୩ ମସିହାରେ ଆନ୍ଧ୍ର ପ୍ରଦେଶର ଏକ ସୂତା ମିଲରେ କାମ କରୁଥିବା ବେଳେ ଝିଲିମାଙ୍କ ସାକ୍ଷାତ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୁଦୃଢ ହୋଇଥିଲା। ୨୦୧୭ରେ ଉଭୟେ ଏକ ଘର ଭଡ଼ା ନେଇ ଜୀବନ ଅତିବାହିତ କରିଥିଲେ। ପରେ ଆନ୍ଧ୍ର ପ୍ରଦେଶର ଏକ ମନ୍ଦିରରେ ରାକେଶ ଝିଲିମାଙ୍କୁ ଶଙ୍ଖା ସିନ୍ଦୂର ପିନ୍ଧାଇ ସ୍ତ୍ରୀର ମାନ୍ୟତା ପ୍ରଦାନ କରିଥିଲେ ବୋଲି ପୀଡିତା କହିଛନ୍ତି। ପରବର୍ତ୍ତୀ ସମୟରେ ରାକେଶ ଝିଲିମାଙ୍କୁ ଡାକ୍ତରଖାନାକୁ ଦୁଇଥର ନେଇ ଗର୍ଭ ନଷ୍ଟ କରିଥିଲେ। ଝିଲିମା ରାକେଶ ଘରକୁ ଦୁଇଥର ଆସି ଶୁଦ୍ଧକ୍ରିୟାରେ ଯୋଗଦେଇ ପରିବାର ସହ ମିଶିଥିଲେ। ପରେ ଉଭୟେ ମିଶି ପୁଣି ଆନ୍ଧ୍ର ପ୍ରଦେଶ ସୂତା ମିଲରେ କାମ କରିବାକୁ ପଳାଇ ଥିଲେ। ହେଲେ ରାକେଶ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରି ଘରକୁ ଆଣିଥିବା କୁହାଯାଇଛି। ଏହି ଖବରପାଇ ସୁଦୂର ଦାରିଙ୍ଗବାଡି ଅଞ୍ଚଳରୁ ଝିଲିମା ଛୁଟି ଆସିଛନ୍ତି ଖରିନାସୀ ରାକେଶଙ୍କ ଘରକୁ। ରାକେଶଙ୍କ ଘରେ ଝିଲିମା ପହଞ୍ଚିଲା ପରେ ପରିବାର ଲୋକେ ଧକ୍କା ଦେଇ ତାଙ୍କୁ ଘରୁ ବାହାରକୁ ବିଦା କରି ଦେଇଥିଲେ। ଉପାୟ ଶୂନ୍ୟ ହୋଇ ଝିଲିମା ନ୍ୟାୟ ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ସେ ରାକେଶଙ୍କ ଦୁଆର ସମ୍ମୁଖରେ ନ୍ୟାୟ ପାଇଁ ଧାରଣାରେ ବସି ରହିଛନ୍ତି। ଏ ସମ୍ପର୍କରେ ଆଇଆଇସି ପରେଶ କୁମାର ମହାନ୍ତିଙ୍କୁ ପଚାରିବାରେ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି। ଏ ନେଇ ଥାନାରେ ନଂ. ୬୪/୨୨ରେ ମାମଲା ରୁଜୁ ହୋଇଛି।



ରାକେଶଙ୍କ ଦୁଆରେ ନ୍ୟାୟ ପାଇଁ ପୀଡ଼ିତାର ଧାରଣା।



କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଶ୍ରୀବଳଦେବ ଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ପାଇଁ କାଠ ଟ୍ରକ୍‌ରେ ଆସି ପହଞ୍ଚିଛି।

# ପାନୀୟ ଜଳ ପାଇଁ ଉଦ୍‌ବେଗ ପ୍ରକାଶ

**ଆଳି, ୧୩।୫(ଡି.ଏନ.ଏ.)**

**ଆଳିରେ ପ୍ରଥମ ସାଧାରଣ ପଞ୍ଚାୟତ ସମିତି ଅଧିବେଶନ**



ଅଧିବେଶନରେ ଯୋଗଦେଇଥିବା ବିଧାୟକ ପ୍ରତାପ ଦେବ, ନିର୍ବାଚିତ ପ୍ରତିନିଧି ଓ ଅଧିକାରୀମାନେ।

କେନ୍ଦ୍ରାପଡ଼ା ଜିଲା ଆଳି ପଞ୍ଚାୟତ ସମିତି ପ୍ରଥମ ସାଧାରଣ ଅଧିବେଶନରେ ପାନୀୟ ଜଳ ପାଇଁ ଉଦବେଗ ପ୍ରକାଶ ପାଇଛି। ଶୁକ୍ରବାର ପୂର୍ବାହ୍ନରେ ଆଳି ପଞ୍ଚାୟତ ସମିତିର ଅଧ୍ୟକ୍ଷ ମନୋରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହ ପରିସରରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଆଳି ବିଡିଓ ଦ୍ୱିବେନ୍ଦୁ ଦାସ, ତହସିଲଦାର ତପନ ସେନାପତି, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, କନକଲତା ବେହେରା, ଜୟରାମ ସାହୁ, ସ୍ୱାଗତିକା ରାଉତ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମିନତି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆଳି ବ୍ଲକର ୩୪ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳରେ ଥିବା ପାନୀୟ ଜଳ ସମସ୍ୟାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଗୋବିନ୍ଦପୁର ମେଡିକାଲରେ ଡାକ୍ତର ପଦବୀ ପୂରଣ, ବିଭିନ୍ନ ପଞ୍ଚାୟତରେ ଥିବା ଏଏନ୍‌ଏମ୍ ସେଣ୍ଟର କାର୍ଯ୍ୟକ୍ଷମ କରିବା, ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା, ପରିମଳ, ଜଳସେଚନ, ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ରାଶନ ସାମଗ୍ରୀ ବଣ୍ଟନ କ୍ଷେତ୍ରରେ ଡିଲରମାନଙ୍କ ମନମାନି, ବିଭିନ୍ନ ରାସ୍ତା ନବୀକରଣ, ବିଦ୍ୟୁତ୍ ବିଭ୍ରାଟ ଭଳି ଅନେକ ସମସ୍ୟା ସମ୍ପର୍କରେ ଅଭିଯୋଗ ଆସିଥିଲା। ଏଥିରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ୧୫ରୁ ତାରାତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ଛତ୍ରପୁର,୧୩ା୫(ଡି.ଏନ.ଏ.)- ଗଞ୍ଜାମ ଜିଲାର ଆରାଧ୍ୟା ମା' ତାରାତାରିଣୀଙ୍କ ମନ୍ଦିରର ଜୀର୍ଣ୍ଣୋଦ୍ଧାର ଓ ନୂତନ ପ୍ରାସାଦ ପ୍ରତିଷ୍ଠା ମହୋତ୍ସବ ଆସନ୍ତା ୧୫ ତାରିଖଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମହୋତ୍ସବରେ ଯୋଗଦେଇ ମା'ଙ୍କର ଆଶୀର୍ବାଦ ଲାଭ କରିବା ନିମନ୍ତେ ଜିଲାବାସୀଙ୍କୁ ମା' ତାରାତାରିଣୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ନିବେଦନ କରାଯାଇଛି। ଆଦିଶକ୍ତି ମା' ତାରାତାରିଣୀ ଯୁଗ୍ମ ରୂପିଣୀ, ଅଯୁଗ୍ମ ରୂପରେ ସେ ସଙ୍କଟ ତାରିଣୀ, ଯାହାଙ୍କ ଚରିତ୍ର ଅଦ୍ୟାବଧି ରହସ୍ୟମୟ। ଓଡିଶା ସରକାରଙ୍କ ପ୍ରଦତ୍ତ ଅନୁଦାନ ରାଶିରେ ମହାର୍ଦ୍ଧ ବଉଳମାଳିଆ ପଥର ଦ୍ୱାରା ନବନିର୍ମିତ ପଞ୍ଚାୟତନ ବିଶିଷ୍ଟ ମନ୍ଦିରରେ ମା' ପୂଜା ପାଉଛନ୍ତି।

### ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,୧୩ା୫(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ଆସନ୍ତା ଜୁଲାଇ ୧ରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ନିମନ୍ତେ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅପରାହ୍ଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ଉପଜିଲାପାଳ ଦିଲୀପ କୁମାର ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରଥଯାତ୍ରା କମିଟିର କୋଷାଧ୍ୟକ୍ଷ ରାମନାଥ ମିଶ୍ର ପୂର୍ବ ବର୍ଷର ଆଦାୟ ଓ ଖର୍ଚ୍ଚ ବିଷୟରେ ବିବରଣୀ ପଠନ କରିଥିଲେ । ପରେ ରଥ ନିର୍ମାଣ ଓ ମରାମତି ସମ୍ପର୍କରେ ସବିଶେଷ ଭାବେ ଆଲୋଚନା ହୋଇଥିଲା । ଏଥିନିମନ୍ତେ କେଉଁ ଠାରୁ କାଠ ଆସିବ ଏବଂ କେତେ ପରିମାଣର ନୂତନ କାଠ ଆବଶ୍ୟକ ସେ ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭାପତି ଜି.ତିରୁପତି ରାଓ, ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ, ପାରଳାଖେମୁଣ୍ଡି ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରକାଶ ଯୋଗ୍ୟ, ବିଗତ ୨ବର୍ଷ ହେଲା କରୋନା ଯୋଗୁ ରଥଯାତ୍ରା ବିନା ଭକ୍ତରେ ଅନୁଷ୍ଠିତ ହୋଇଥିଲା।

### ପାଇଲିପଡ଼ାରେ ଯୋଗ ଶିକ୍ଷା

ଭଞ୍ଜନଗର,୧୩ା୫(ଡି.ଏନ.ଏ)-ବେଲଗୁଣ୍ଠା ବ୍ଲକ ପାଇଲିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁବାର ଯୋଗ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ୪୮ନମ୍ବର ଜିଲା ପରିଷଦ ସଭ୍ୟ ତଥା ଆରୋଗ୍ୟ କଲ୍ୟାଣ ସମିତିର ଅଧ୍ୟକ୍ଷ ସୁଧୀର କୁମାର ଜେନା ଉଦଘାଟନ କରିଥିଲେ। ଯୋଗଗୁରୁ ଆଇ.ଗୌତମ ପାତ୍ର ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ବେଲଗୁଣ୍ଠା ଓ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ବାଲୁଙ୍କେଶ୍ୱର ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ଯୋଗ ଉପରେ ନିଜ ମତ ରଖିଥିଲେ। ଡା. ସରୋଜ ପ୍ରଧାନ,ସ୍ୱାସ୍ଥ୍ୟ ପରିଦର୍ଶକ ସୁଭ୍ରମନ୍ୟୁ କର, ପାଇଲିପଡ଼ା ନାଏବ ସରପଞ୍ଚ ସଲିଳା ମହାରଣା,ବାରଟା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବିଶ୍ୱାଳ,ଶିକ୍ଷକ ବିଜୟ ସାହୁ, ସରୋଜ ସାହୁ, ଦୀନବନ୍ଧୁ ପ୍ରଧାନ, ସମାଜିକ କର୍ମୀ ବଳରାମ ସ୍ୱାଇଁ, ଜଗନ୍ନାଥ ପାତ୍ର,ଶିଶିର ବିଶ୍ୱାଳ,ଟୁକୁନା ସ୍ୱାଇଁ,ୱାର୍ଡ ସଭ୍ୟ ଓ ଅଞ୍ଚଳର କିଛି ଯୁବକ ସାମିଲ ହୋଇଥିଲେ। ସପ୍ତାହକୁ ୨ଦିନ ମେଡିକାଲ ପକ୍ଷରୁ ଯୋଗ ଶିକ୍ଷା ଦିଆଯିବ।

### ପିଏମ୍ ଆବାସ ଅନୁଧ୍ୟାନ କଲେ କେନ୍ଦ୍ରୀୟ ଟିମ୍

ଛତ୍ରପୁର,୧୩ା୫(ଡି.ଏନ.ଏ.)-ଗଞ୍ଜାମ ଜିଲା ଛତ୍ରପୁର ଏନ୍ଏସିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଅର୍ବାନ )ରେ ଘର ନିର୍ମାଣ ହୋଇଛି। ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଏକ ଟିମ ଛତ୍ରପୁର ଏନଏସିକୁ ଆସି ଏହି ଯୋଜନାରେ ନିର୍ମିତ ଘରଗୁଡିକର ଅନୁଧ୍ୟାନ କରିଛନ୍ତି। ଏହି ଟିମରେ ଲିଡ୍ ମ୍ୟାନେଜର ମନୀଷ, ଟିଏଲ ପାର୍ଥା ଥିବା ବେଳେ ଗଞ୍ଜାମ ଡୁଡା ପିଡି ସଚ୍ଚିଦାନନ୍ଦ ନାୟକ, ଏନଏସି ନିର୍ବାହୀ ଅଧିକାରୀ ଏନ. ଗଣେଶ ବାବୁ ଉପସ୍ଥିତ ଥିଲେ ।

### ସଡ଼କ ଦୁର୍ଘଟଣାରେ ନାବାଳକ ମୃତ

ପାତ୍ରପୁର,୧୩ା୫(ଡି.ଏନ.ଏ.)-ପାତ୍ରପୁର ବ୍ଲକ ଚୁଡ଼ିଆଲାଞ୍ଜି ନିକଟରେ ଶୁକ୍ରବାର ଏକ ଏକ୍ସେଲ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ନାବାଳକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପାତ୍ରପୁର ଗ୍ରାମର ବୃନ୍ଦା ବେହେରାଙ୍କ ପୁଅ ରାଜେଶ (୧୫) । ରାଜେଶ କୌଣସି କାମରେ ଏକ୍ସେଲ ଧରି ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ନଂ.୧୬୧/୨୨ରେ ଏକ ମାମଲା କରିଛି। ସୂଚନାଯୋଗ୍ୟ, ରାଜେଶ ମାଟ୍ରିକ ପରୀକ୍ଷା ଦେଇଥିଲେ। ତାଙ୍କ ମା'ବାପା ଚେନ୍ନାଇରେ ଦାଦନ ଶ୍ରମିକ ଭାବେ କାମ କରୁବା ବେଳେ ସେ ଜେଜେମା'ଙ୍କ ପାଖରେ ରହୁଥିଲେ।

# ଜେଲ ଗଲେ ୩ ଆନ୍ତଃ ରାଜ୍ୟ ଡକାୟତ

**ନୟାଗଡ ଅଫିସ,୧୩ା୫**


ଗିରଫ ହୋଇଥିବା ଡକାୟତମାନେ।

**ଡକାୟତି ଉଦ୍ୟମ ପଣ୍ଡ**
- ଦେଶୀ ବନ୍ଧୁକ ସହ ୪ ବାଇକ ଜବତ
- ଚଢ଼ାଉ ବେଳେ ପୋଲିସକୁ ଗୁଳି ଚାଳନା କରିଥିଲେ ଡକାୟତ

ନୟାଗଡ ଜିଲାର ଶରଣକୁଳ ଥାନା ପୋଲିସ ୩ ଆନ୍ତଃ ରାଜ୍ୟ ଡକାୟତିଙ୍କୁ ଗିରଫ କରି ଡକାୟତି ଉଦ୍ୟମ ପଣ୍ଡ କରିଛି। ତେବେ ଚଢ଼ାଉ ବେଳେ ଡକାୟତମାନେ ଖସିଯିବା ପାଇଁ ପୋଲିସ ଉପରକୁ ଗୋଟିଏ ରାଉଣ୍ଡ ଗୁଳି ଚାଳନା କରି ଭୟଭିତ କରାଇ ଥିଲେ। ତେବେ ଗୁଳିଟି ପୋଲିସ ଦେହରେ ନ ବାଜି ବାହାରକୁ ଚାଲି ଯାଇଥିଲା। ଅନ୍ୟପକ୍ଷେ ଗିରଫ ୩ ଡକାୟତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଗୋଡିପଡା ଫାଣ୍ଡି କଇଁଫୁଲିଆ ଗାଁର ଅଶୋକ ସେନାପତି ଓରଫ ବୁଲୁ(୨୬) ଓ ଯାଗ୍ରୀ ଖଇରପଟି ଗାଁର ବାଇନ ବେହେରା ଓରଫ ରମେଶ(୨୭), ଚାନ୍ଦପୁର ଥାନା ଚାନ୍ଦପୁର ଦାଣ୍ଡସାହିର ସୋମନାଥ ସାହୁ ଓରଫ କାହ୍ନୁ(୨୨)ଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି।

ଡକାୟତମାନଙ୍କଠାରୁ ପୋଲିସ ଗୋଟିଏ ଦେଶୀ ବନ୍ଧୁକ, ୪ ବାଇକ୍, ୩ଟି ମୋବାଇଲ ଫୋନ ଜବତ କରିଛି। ଜବତ ବାଇକ୍ ଗୁଡିକ ଚୋରା ବୋଲି ଜଣାପଡିଛି। ଏ ଅବସରରେ ଶରଣକୁଳ ଥାନା ପରିସରରେ ନୟାଗଡ଼ ଅତିରିକ୍ତ ଏସ୍‌ପି ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, କଇଁଫୁଲିଆର ବୁଲୁ ଓ ତାର ଗ୍ୟାଙ୍ଗକୁ ଧରିବା ପାଇଁ ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଥିଲା। ଏପରି କି ଏସ୍‌ପି ଅଲେଖ ଚନ୍ଦ୍ର ପହି ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରିଥିଲେ। ଏହି ସ୍କ୍ୱାର୍ଡରେ ଶରଣକୁଳ ଆଇଆଇସି ଜୟଦୀପ ମହାନ୍ତି ମୁଖ୍ୟ ଥିବାବେଳେ ସ୍ପେଶାଲ ସ୍କ୍ୱାର୍ଡର ସ୍ମୃତି ରଞ୍ଜନ ମହାନ୍ତି, ଶରଣକୁଳ ଥାନା ଏସ୍‌ଆଇ ଦୁର୍ଗାମାଧବ ସାହୁ, ଗୋଡିପଡ଼ା ଫାଣ୍ଡି ଅଧିକାରୀ ହାଇଦର ଅଲ୍ଲୀ, ଜିଲା ସାଇବର ସେଲର ଲକ୍ଷ୍ମୀକାନ୍ତ ବରାଡଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ୧୧ ତାରିଖ ରାତିରେ ବୁଲୁ ତାର ଗ୍ୟାଙ୍ଗର ସଦସ୍ୟମାନଙ୍କୁ ନେଇ ଡକାୟତି ଉଦ୍ଦେଶ୍ୟରେ ଯାଗ୍ରୀ ଖଇରପଟିଠାରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ଜଣାପଡିଥିଲା। ଖବରପାଇ ଏହି ଟିମ୍ ଯାଗ୍ରୀଖଇରପଟିର ଅସମ୍ପୂର୍ଣ୍ଣ ଘରେ ଚଢ଼ାଉ କରିଥିଲା। ପୋଲିସ ଉପରକୁ ଗୁଳି ଚାଳନା କରି ଯଦିଓ ଡକାୟତମାନେ ଖସି ଯାଉଥିଲେ। ତେବେ ପୋଲସ ପରବର୍ତ୍ତ ପର୍ଯ୍ୟାୟରେ ସେମାନଙ୍କୁ ଗିରଫ କରି ପାରିଛି। ତେବେ ଏମାନେ ବୁଲଙ୍କ ସହଯୋଗୀ ନ ଥିଲେ। ଅନ୍ୟ କେତେଜଣ ଡକାୟତଙ୍କୁ ଡାକୟତି ପାଇଁ ବୁଲୁ ଆଣିଥିଲା। ବୁଲୁଠାରୁ ଦେଶୀ ପିସ୍ତଲ ଜବତ କରାଯାଇଛି। ଏହି ୩ ଅଭିଯୁକ୍ତଙ୍କ ନାଁରେ ଓଡ଼ଗାଁ, ଇଟାମାଟି, ନୟାଗଡ଼ ଟାଉନ ଓ ସଦର ଥାନା, ଗଣିଆ ଓ ରଣପୁର ଥାନାରେ ମାମଲା ରହିଛି। ପୁଣି ଗଞ୍ଜାମ, ପୁରୀ ଓ ଭଦ୍ରକ ଜିଲା ସମେତ ଭୁବନେଶ୍ୱର କମିଶନରେଟ୍ ପୋଲିସରେ ମାମଲା ଅଛି। ଏ ନେଇ ଡକାୟତମାନଙ୍କ ନାଁରେ ଶରଣକୁଳ ଥାନାରେ ପୂର୍ବରୁ ୧୪୩/୨୧, ୨୩/୨୨ରେ ମାମଲା ରହିଛି। ପୁଣି ପୋଲିସ ଉପରକୁ ଗୁଳି ମାମଲାରେ ଥାନାର ଏସ୍‌ଆଇ ଦୁର୍ଗାମାଧବ ସାହୁଙ୍କ ଅଭିଯୋଗ କ୍ରମେ ଦଫା ୩୦୭, ୩୪ ଆଇପିସି, ୨୫ ଓ ୨୭ ଆର୍ମସ ଆକ୍ଟରେ ନଂ. ୫୮/୨୨ରେ ମାମଲା ରୁଜୁ କରାଯାଇଛି। ଏହି ୩ ଡକାୟତ ବିଭିନ୍ନ ଡକାୟତି ଘଟଣାରେ ସମ୍ପୃକ୍ତି ଥିବାରୁ ରିମାଣ୍ଡରେ ଅଣାଯାଇ ତଦନ୍ତକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି। ସମ୍ମିଳନୀରେ ଶରଣକୁଳ ଏସ୍‌ଡିପିଓ କରିଣ ହେମ୍ବ୍ରମ, ଆଇଆଇସି ମହାନ୍ତି ଉପସ୍ଥିତ ଥିଲେ।

## ଶକ୍ତିନଗର କୋଠଘର ଜବରଦଖଲ ଅଭିଯୋଗ

**ବୁଗୁଡା,୧୩ା୫(ଡି.ଏନ୍.ଏ.)**

ବୁଗୁଡା ବସ୍‌ଷ୍ଟାଣ୍ଡ ନିକଟରେ ଥିବା କୋଠଘରଟିକୁ ଜଣେ କାଉନସିଲରଙ୍କ ପରିବାର ଜବରଦଖଲରେ ରଖିଥିବା ସହ ବିଦ୍ୟୁତ୍ ସବ୍‌ଷ୍ଟେଶନ ପାଖରେ ଏକ କାଠ କ୍ୟାବିନ୍ ପକାଇ ଆପତ୍ତିଜନକ ଜିନିଷ ବିକ୍ରି କରୁଥିଲେ। ଏହା ଦ୍ୱାରା ଯାତ୍ରୀଙ୍କ ଅସୁବିଧା ହେଉଛି ବୋଲି କେତେଜଣ ବ୍ୟକ୍ତିଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ବୁଗୁଡ଼ା ଏନ୍ଏସିର ଏମ୍. ସୁନୀଲ କୁମାର ପାତ୍ର, ଏନ୍. ଶଙ୍କର ରାଓ, ଜିତେନ୍ଦ୍ର ସାହୁ, ପ୍ରମୋଦ ସାହୁ, ଦେବାଶିଷ ନନ୍ଦ, ଦିବ୍ୟ ବେହେରା, ବେଦ ବିକାଶ ପଟ୍ଟନାୟକ, ଏମ୍. ପ୍ରଦୀପ ପାତ୍ର ଓ ସୁଶାନ୍ତ ନାୟକ ପ୍ରମୁଖ ୯ ଜଣ ବ୍ୟକ୍ତି ଗଞ୍ଜାମ ଜିଲାପାଳ, ଭଞ୍ଜନଗର ଉପଜିଲାପାଳ, ବୁଗୁଡ଼ା ତହସିଲଦାରଙ୍କ ସମେତ ଏନ୍ଏସି ଅଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଶକ୍ତିନଗରରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଜାଗାର ଅଭାବ ଦେଖାଦେଇଥିବା ବେଳେ କୋଠଘରଟି ଜବରଦଖଲରେ ରହିବା ଦୁର୍ଭାଗ୍ୟଜନକ ବୋଲି ସେମାନେ ଦରଖାସ୍ତରେ ଦର୍ଶାଇଛନ୍ତି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ବୋଲି ଚେତାବନୀ ଦିଆଯାଇଛି।

# 'ପାନୀୟ ଜଳ ସମସ୍ୟାର ସମାଧାନ କର'

**ଗଣିଆ,୧୩ା୫(ଡି.ଏନ.ଏ.)**


ସମିତି ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଗଣିଆ ପଞ୍ଚାୟତ ସମିତିର ପ୍ରଥମ ଅଧିବେଶନ**

ଗଣିଆ ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ଅଧିବେଶନ ଶୁକ୍ରବାର ବ୍ଲକ ସଦଭାବନା ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟା ଝୁନା ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ବିଡିଓ ସିରିଆଲ ଶୁଭ୍ର ପଟେଲ, ଏବିଡିଓ ରତନଲାଲ ଲୋହାର, ଜିଲା ପରିଷଦ ସଭ୍ୟ ନରେଶ ବେହେରା, ବ୍ଲକ ଉପାଧ୍ୟକ୍ଷ ରାଜକିଶୋର ସାହୁ କନ୍ଧମାଳ ସାଂସଦଙ୍କ ବ୍ଲକ ପ୍ରତିନିଧି ଶେଷଦେବ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ପ୍ରଶାସନ ପକ୍ଷରୁ ବ୍ଲକର ୮ ଟି ପଞ୍ଚାୟତର ସମସ୍ତ ନବନିର୍ବାଚିତ ସରପଞ୍ଚସମିତିସଭ୍ୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ବୈଠକ ଆରମ୍ଭରୁ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କ ଉପରେ ଜନପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ବିଦ୍ୟୁତ୍ ବିଭାଗ ପକ୍ଷରୁ ଲୋକଙ୍କୁ ଠିକ୍ ଭାବେ ସେବା ଯୋଗାଇ ଦିଆଯାଉ ନ ଥିବାରୁ ପରବର୍ତ୍ତୀ ସମୟରେ ଏହା କିଭଳି ସମାଧାନ ହୋଇପାରିବ ସେ ନେଇ ଜନପ୍ରତିନିଧିମାନେ କହିଥିଲେ।

ତେବେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତର ରହୁ ନ ଥିବା ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗ୍ରୀଷ୍ମଋତୁରେ ବିଭିନ୍ନ ଗ୍ରାମରେ ଦେଖାଦେଉଥିବା ପିଇବା ପାଣି ସମସ୍ୟାର ତୁରନ୍ତ ସମାଧାନ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବହୁ ସମୟରେ ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ କିଭଳି ସମସ୍ତଙ୍କ ସହଯୋଗରେ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ସମସ୍ତ ଜନପ୍ରତିନିଧି ଓ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ ବିଧାୟକ ଓ ବ୍ଲକ ଅଧ୍ୟକ୍ଷା। ଏହି ଅଧିବେଶନରେ ବ୍ଲକର ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ବିଦ୍ୟୁତ୍, ଜଙ୍ଗଲ, ଉଦ୍ୟାନ ବିଭାଗ ପରି ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଅନୁପସ୍ଥିତ ରହିଥିବା ଦେଖାଯାଇଥିଲା। ଏହି ଅବସରରେ ବ୍ଲକର ୯୭ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଥିଲା।

## କୋର୍ଟ ପକ୍ଷରୁ ସମନ ଜାରି ପାଇଁ ଆଦେଶ

**ଦିଗପହଣ୍ଡି,୧୩ା୫(ଡି.ଏନ.ଏ.)**

ଦିଗପହଣ୍ଡିର ପୂର୍ବତନ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ବିରୋଧରେ ୱାନ.ସିସି ୧୪/୨୧ ଭାରତୀୟ ପିଙ୍ଗଳ କୋଡର ଦଫା - ୨୯୪/୫୦୦/୫୦୬ ଅନୁଯାୟୀ ଏକ ଫୌଜଦାରି ମାମଲା ରୁଜୁ ହୋଇଛି। ମାମଲାର ଆବେଦନକାରୀଙ୍କ ଯାଚିକା ଅନୁଯାୟୀ ଦିଗପହଣ୍ଡି କୋର୍ଟର ମାଜିଷ୍ଟ୍ରେଟ ସାକ୍ଷ୍ୟ ଗ୍ରହଣ ପରେ ତହସିଲଦାରଙ୍କ ବିରୋଧରେ ମକଦ୍ଦମା ରୁଜୁ ପାଇଁ ଆଦେଶ ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି, ଦିଗପହଣ୍ଡି ସ୍ଥିତ ଶ୍ରୀ ରାଧା ଦାମୋଦର ମହାପ୍ରଭୁ ବିଜେଙ୍କ ମନ୍ଦିର ଜମିର ଭାଗ ଚାଷୀ ଅଟନ୍ତି ମାମଲାର ଆବେଦନକାରୀ ପି. ଶିବ ଶଙ୍କର। ସେ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟରେ ଓଡ଼ିଶା ଭୂ-ସଂସ୍କାର ଆଇନ ଅନୁଯାୟୀ ଓ ଏଲ ଆର୍ ମାମଲା ନଂ.୨/୨୧ ରୁଜୁ କରିଥିଲେ। ଏହି ମାମଲାର ସ୍ଥିତାବସ୍ଥା ବୁଝିବା ପାଇଁ ଆବେଦନକାରୀ ପି. ଶିବ ଶଙ୍କର ଏବଂ ଅନ୍ୟ ଭାଗ ଚାଷୀ ବୃନ୍ଦ ତହସିଲ କାର୍ଯ୍ୟାଳୟ ସ୍ଥିତ କୋର୍ଟକୁ ଯାଇଥିଲେ। ପି. ଶିବ ଶଙ୍କର ତହସିଲଦାରଙ୍କୁ ସାକ୍ଷାତ କରି ମକଦ୍ଦମାର ସ୍ଥିତାବସ୍ଥା ସମ୍ପର୍କରେ ପଚାରିବାରୁ ତତ୍କାଳୀନ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତୁମ ଜୀବନ ଚାଲିଯିବାର ଧମକ ଦେଇଥିଲେ। ପି. ଶିବ ଶଙ୍କର ଜଣେ ଆଇନଜୀବୀ ହୋଇଥିବାରୁ ସେ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘକୁ ସମୁଦାୟ ଘଟଣା ଲିଖିତ ଆକାରରେ ଜଣାଇବା ପରେ ଦିଗପହଣ୍ଡି ଥାନାରେ ଏକ ଏତଲା ଦେଇଥିଲେ। ଥାନା କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସେ ଏନେଇ ବ୍ରହ୍ମପୁର ଏସ୍‌ପିଙ୍କୁ ଜଣାଇଥିଲେ। କିଛି ଦିନ ଅପେକ୍ଷା କରି ଶେଷରେ ନିରାଶ ହେବା ପରେ ସେ ଦିଗପହଣ୍ଡି ସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ତହସିଲଦାରଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଫୌଜଦାରି ଆଇନର ଧାରା ୨୦୦ ପ୍ରକାରେ ମାଜିଷ୍ଟ୍ରେଟ ମାମଲାର ଆବେଦନକାରୀଙ୍କ ବୟାନ ରେକର୍ଡ କରିବା ପରେ ଧାରା ୨୦୨ ଅନୁଯାୟୀ ୪ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି ତତ୍କାଳୀନ ତହସିଲଦାରଙ୍କ ବିରୋଧରେ ମକଦ୍ଦମା ରୁଜୁ ପାଇଁ ଆଦେଶ ପ୍ରଦାନ ସହ କୋର୍ଟ ପକ୍ଷରୁ ସମନ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ବୋଲି ଆବେଦନକାରୀ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ କୁରେଶୁ ପଣ୍ଡା ଜଣାଇଛନ୍ତି।

## ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ

**ଗୋପାଳପୁର,୧୩ା୫(ଡି.ଏନ.ଏ.)**

ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟସ୍ଥିତ ଜନୈକ ବ୍ୟକ୍ତିଙ୍କ ଘର ପଛପଟୁ ଗୁରୁବାର ରାତିରେ ଜଣେ ନବବଧୂଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ହେଲେ ମାମୁନି ବିଷୋୟୀ (୨୫)। ଯୌତୁକ ନିର୍ଯାତନା ଦେଇ ଭଉଣୀକୁ ଶାଶୁଘର ଲୋକେ ହତ୍ୟା କରିଥିବା ନବବଧୁଙ୍କ ଭାଇ ରାକେଶ କୁମାର ବିଷୋୟୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରକାରେ ଶେରଗଡ଼ ଥାନା ଅନ୍ତର୍ଗତ ବନ୍ଧଗୁଡ଼ା ଗ୍ରାମର ମାମୁନି ବିଷୋୟୀଙ୍କ ସହ କନିଷି ହାଟ ଗ୍ରାମର ଚିନ୍ତାମଣି ଦଳ ବେହେରାଙ୍କ ସହ ଗତ ଫେବୃୟାରୀ ୬ରେ ବୈଦିକ ରୀତିରେ ବିବାହ ହୋଇଥିଲା। ଯୌତୁକ ଆକାରରେ ୩ ଲକ୍ଷ ଟଙ୍କା, ସୁନା ଅଳଙ୍କାର ଆଦି ଦିଆଯାଇଥିଲା। ମାମୁନିଙ୍କୁ ଶାଶୁଘର ଲୋକେ ଦେଢ଼ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ବାଧ କରିଥିଲେ। ଏ ନେଇ ମାମୁନି ଭାଇଙ୍କୁ ଜଣାଇଥିଲେ। ଇତିମଧ୍ୟରେ ମାମୁନି ଦୁଇ ମାସର ଗର୍ଭବତୀ ମଧ୍ୟ ଥିଲେ। ଗୁରୁବାର ମାନିସିକ ଭାରସାମ୍ୟ ହରାଇ ମାମୁନିଙ୍କୁ ହଠାତ୍ ଘର ପଛପଟେ ଥିବା କୁଅରେ ଶାଢ଼ି ଲଗାଇ ଝୁଲୁଫିଥିଲେ। ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି କିଛି ନମୂନା ସଂଗ୍ରହ କରିଛି। ଏ ନେଇ ଗୋଳନ୍ଥରା ପୋଲିସ ନଂ.୧୫୯/୨୨ରେ ହତ୍ୟା ମାମଲା ରୁଜୁ କରିଛି। ସ୍ୱାମୀ ଚିନ୍ତାମଣିଙ୍କୁ ପୋଲିସ ପଚରାଉଚରା ଚଳାଇଛି।

## ୩୮ଦିନରେ ପହଞ୍ଚିଲା ରେଳ ଲାଇନ୍ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ

**ଦଶପଲ୍ଲା,୧୩ା୫ (ଡି.ଏନ.ଏ.)**


 କ୍ଷତିଗ୍ରସ୍ତମାନେ ଧାରଣା ଦେଇଛନ୍ତି।

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଯେଉଁମାନଙ୍କ ଜାଗା,ଜମି ଉପରେ ଯିବ ସେମାନଙ୍କୁ ଉଚିତ ପ୍ରାପ୍ୟ ଦିଆଯିବ ବୋଲି ପ୍ରଥମରୁ ସରକାର ଘୋଷଣା କରିଥିଲେ। ପୂର୍ବରୁ ଦଶପଲ୍ଲା ତହସିଲ ଅଞ୍ଚଳରେ ଅନ୍ୟ ଯେଉଁମାନଙ୍କ ଜାଗା ଅଧିକାର କରାଯାଇଛି ସେମାନଙ୍କୁ ଯେଉଁ ଦରରେ ପ୍ରାପ୍ୟ ମିଳୁଛି ବୁଗୁଡା କଲୋନୀ ବାସିନ୍ଦାଙ୍କୁ ସେଭଳି ଦରରେ ପ୍ରାପ୍ୟ ମିଳୁ ବୋଲି କ୍ଷତିଗ୍ରସ୍ତମାନେ ଦାବି କରିଥିଲେ। ତେବେ ଏହା ମଧ୍ୟରେ ବାରମ୍ବାର ଜମି ଅଧିଗ୍ରହଣ ଅଧିକାରୀଙ୍କୁ କ୍ଷତିଗ୍ରସ୍ତ ପରିବାର ଦରଖାସ୍ତ କରି ଉତ୍ତର ଆଶା କରୁଥିଲେ ବି ସେ ଏହାର କୌଣସି ଦେଉ ନ ଥିବାରୁ ଘଟଣାଟି ଆନ୍ଦୋଳନର ରୂପ ନେଇଛି। ଲୋକଙ୍କ ପ୍ରଶ୍ନ ଆମ ଅଞ୍ଚଳର ଜମିକୁ କେଉଁ ଦରରେ ସରକାର କ୍ରୟ କରିବେ। ଯଦି ତାହା ଆମ ଜମିର ପ୍ରକୃତ ମୂଲ୍ୟ ନ ହୁଏ ତେବେ ସରକାରଙ୍କଠାରେ ଦାବି କରିବୁ। ଏଇ ଗୋଟିଏ ପ୍ରଶ୍ନର ଉତ୍ତର ନ ପାଇବା ଯୋଗୁ ଆଜିକୁ ୩୮ଦିନ ହେବ ଗ୍ରାମବାସୀ ଆନ୍ଦୋଳନରେ ବସିଛନ୍ତି। ଏହି ଆନ୍ଦୋଳନକୁ ଯଥାର୍ଥ କହି ଦଶପଲ୍ଲାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ କିଶୋର ଦଳବେହେରା, ବର୍ତ୍ତମାନର ସରପଞ୍ଚ ମଦନ କୁମାର ଜାନୀ, ସମିତିସଭ୍ୟ ପ୍ରଶାନ୍ତ କୁମାର ଦଳବେହେରା ଓ ଅନ୍ୟ ବହୁ ନେତା ଆନ୍ଦୋଳନ ସ୍ଥଳରେ ପହଞ୍ଚିଥିଲେ । ହେଲେ ଏ ପର୍ଯ୍ୟନ୍ତ ପ୍ରଶାସନ ତା'ର ସମାଧାନ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ଆଦିବାସୀମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ବେଳେ ଏହାର ତୁରନ୍ତ ସମାଧାନ ଆଶା କରାଯାଉଛି।

## ପରିବା ଦର ଆକାଶଛୁଆଁ, ଖାଉଟି ହନ୍ତସନ୍ତ

**କାଶୀନଗର,୧୩ା୫**

ଗଜପତି ଜିଲାର କାଶୀନଗରରେ ଦିନ ଥିଲା ସବୁଠାରୁ ଶସ୍ତା, ସୁଲଭ, ସଜ ପନିପରିବା ମିଳୁଥିଲା। ବର୍ତ୍ତମାନ ଏଠାରେ ସମସ୍ତ ପନିପରିବା ଭେଣ୍ଡି, ଟମାଟୋ, ଜହ୍ନି, ପୋଟଳ, ମକା, କୋବି, ଗାଜର, ଲଙ୍କା ଆଦି ଆଦାୟ ହେଉଛି। କିନ୍ତୁ ବର୍ତ୍ତମାନ ଟମାଟୋ ୮୦ ଟଙ୍କା, ଆଳୁ ୩୦, ପିଆଜ ୨୦, ଜହ୍ନି ଆଦି ପରିବା ଦର କେଜି ୫୦ ଟଙ୍କାରୁ କମ୍ ନାହିଁ। ଏଠାରୁ ଚାଷୀଙ୍କଠାରୁ ପରିବା ନେଇ ବେପାରୀମାନେ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏନ୍ଏସି କର୍ତ୍ତୃପକ୍ଷ ବଜାର ଦର ଉପରେ କୌଣସି ନିୟନ୍ତ୍ରଣ ରଖୁନାହାନ୍ତି। ଯୋଗାଣ ବିଭାଗ ଦୋକାନୀମାନଙ୍କୁ କେଉଁ ଜିନିଷର ଦର କେତେ ତାର ତାଲିକା ଟାଙ୍ଗିବାକୁ ନିର୍ଦ୍ଦେଶ ଦେଉନାହାନ୍ତି। ମାଂସ କିଗ୍ରା ପ୍ରତି ୮୦୦ ଟଙ୍କାରେ ବିକ୍ରି ହେଉଛି।

## ଏନ୍ଏସି ପ୍ରଥମ କାଉନ୍‌ସିଲ ବୈଠକ


ବୈଠକରେ ମଞ୍ଚାସୀନ ଅତିଥି ।

**ଆସିକା,୧୩ା୫(ଡି.ଏନ.ଏ.)**

ପୌର ନିର୍ବାଚନ ପରେ ଶୁକ୍ରବାର ଆସିକା ଏନଏସିର ପ୍ରଥମ କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ନବନିର୍ବାଚିତ ଏନ୍ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ନିର୍ବାହୀ ଅଧିକାରୀ ବେଜଙ୍କ ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷା ସ୍ୱାଇଁଙ୍କ ଉଦ୍‌ବୋଧନ ପରେ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ସହରାଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଯୋଗାଣ, ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ, ଖାଦ୍ୟ ସୁରକ୍ଷା ବ୍ୟବସ୍ଥା, ସହରାଞ୍ଚଳରେ ଆଲୋକିକରଣ ବ୍ୟବସ୍ଥା, ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ଭତ୍ତା ପ୍ରଦାନ, ପରିମଳ ବ୍ୟବସ୍ଥା, ବିଭିନ୍ନ ଅସମ୍ପୂର୍ଣ୍ଣ ପ୍ରକଳ୍ପର ତୁରନ୍ତ ପୂର୍ଣ୍ଣାଙ୍ଗୀକରଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସାମାଜିକ କର୍ମୀ ସତ୍ୟନାରାୟଣ ସ୍ୱାଇଁଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ବୈଠକରେ ସାମିଲ ଥିଲେ।

# ପିଡିଏସ୍ ଚାଉଳ ବଣ୍ଟନ କେନ୍ଦ୍ର ଶୁଭାରମ୍ଭ

**ତୁମୁଡିବନ୍ଧ,୧୩ା୫(ଡି.ଏନ.ଏ.)**


ସଭାରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀ।

ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡିଗଡ଼ ପଞ୍ଚାୟତର ତରଲାଙ୍ଗୀ ଗ୍ରାମଠାରେ ଶୁକ୍ରବାର ପିଡିଏସ ଚାଉଳ ବଣ୍ଟନ କେନ୍ଦ୍ରର ନୂତନ ଭାବେ ଶୁଭାରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତି ମାଝି ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ପୂର୍ବତନ ବିଧାୟକ ରାଜୀବ ପାତ୍ର, ମୁଣ୍ଡିଗଡ଼ ସରପଞ୍ଚ ଜମିତା ମଲ୍ଲିକ ଏବଂ ମୁଣ୍ଡିଗଡ଼ ପଞ୍ଚାୟତର ବରିଷ୍ଠ ନାଗରିକ ଓ ବିଜୁ ଜନତା ଦଳର କର୍ମୀମାନେ ଯୋଗଦେଇଥିଲେ। ଗ୍ରାମବାସୀମାନେ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ଫୁଲ ମାଳ ଦେଇ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ବଣ୍ଟନ କେନ୍ଦ୍ରରେ ଏକ ସଭା କରାଯାଇଥିଲା। ଉକ୍ତ ସଭାରେ ବ୍ଲକ ଅଧ୍ୟକ୍ଷା ମାଝୀ ଇନୁ ଖୁସି ତ ଆନୁ ଖୁସି କହି ନିଜର ବକ୍ତବ୍ୟ ଆରମ୍ଭ କରି ସାତ ଗୋଟି ଗ୍ରାମର ଲୋକମାନେ ଉପକୃତ ହେବେ। ସାତ ଗୋଟି କୁଟିଆ ଗ୍ରାମର ୭୭ ହିତାଧିକାରୀ ଚାଉଳ ଆଣିବା ପାଇଁ ବଣ ଜଙ୍ଗଲ ମଧ୍ୟରେ ୨୩ କିମି. ଦୂର ଚାଲି ଅତିକ୍ରମ କରି ମୁଣ୍ଡିଗଡ଼ ପଞ୍ଚାୟତକୁ ଆସି ଚାଉଳ ବୋହି ନେଉଥିଲେ, ଏହି ଦୁଃଖ ଆଜି ଦୂର ହୋଇଯାଇଛି। ସେହିପରି ସରପଞ୍ଚ ଏହି ସାତଟି ଗ୍ରାମର ବୃଦ୍ଧାବୃଦ୍ଧ, ବିଧବା ଓ ଭିନ୍ନକ୍ଷମଙ୍କୁ ଭତ୍ତା ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ତୁମୁଡିବନ୍ଧର ଲାମ୍ପସ୍ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ଓ ଗ୍ରାମର ଯୁବକ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବଧୂଙ୍କ ଆତ୍ମହତ୍ୟା

**ନୟାଗଡ ଅଫିସ,୧୩।୫:** ଇଟାମାଟି ଥାନା ଚମ୍ପତିପୁର ମଙ୍ଗଳାସାହିରେ ବିନି ଦାସ (୨୮) ଫ୍ୟାନରେ ଦଉଡି ଲଗାଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ ବିବାଦରୁ ଆତ୍ମହତ୍ୟା କରିଥିବା ଶାଶୁ ଘର ପକ୍ଷରୁ କୁହାଯାଉଛି। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ହେବ। ଅନ୍ୟପକ୍ଷେ ପୋଲିସ (୭/୨୨) ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା କାଲୁପଡା ଘାଟର ବିନି ୫ ବର୍ଷ ତଳେ ଇଟାମାଟି ଥାନାର ଚମ୍ପତିପୁର ମଙ୍ଗଳାସାହିର ଅନିଲ ଦାସଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କର ୩ ବର୍ଷର ଏକ ଝିଅଟିଏ ରହିଛି।

### କାର୍ ସହ ୧୪ କେଜି ଗଞ୍ଜେଇ ଜବତ

**ନୟାଗଡ ଅଫିସ/ଭାପୁର, ୧୩।୫ (ଡି.ଏନ୍.ଏ.):** ଫତେଗଡ ଥାନା ପୋଲିସ ଫତେଗଡରୁ ଶୁକ୍ରବାର ଅପରାହ୍ଣରେ ଏକ କାର ସହ ୧୪ କେଜି ଗଞ୍ଜେଇ ଜବତ କରିଛି। କାରରେ ଗଞ୍ଜେଇ ଚାଲାଣ ଫିରିଙ୍ଗିଆରୁ ପୁରୀ ଜିଲାର ପିପିଲିକୁ ହେଉ ଥିଲା। ଖବରପାଇ ପୋଲିସ ଚଢ଼ାଉ କରି ନିମାପଡା ଥାନା ବଉଳିପଡାର ମିର୍ଜା ଜାକିର ହୁସେନ ବେଗଙ୍କୁ ଗିରଫ କରି କାର ସହ ଗଞ୍ଜେଇ ଜବତ କରିଛି। ପୋଲିସ ନଂ. ୯୬/୨୨ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶନିବାର ଜାକିରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଗିରିଜା ପଟ୍ଟନାୟକ କହିଛନ୍ତି ।

### ସାଉଦି ଆରବରେ ଓଡ଼ିଶା ଦିବସ

**ନୟାଗଡ଼ ଅଫିସ,୧୩।୫:** ସାଉଦି ଆରବରେ ପୂର୍ବାଞ୍ଚଳ ପ୍ରବାସୀ ଓଡ଼ିଆ ମାନଙ୍କ ସଂଗଠନ ଉତ୍କଳିକାର,୮୭ ତମ ଉତ୍କଳ ଦିବସ ଉପଲକ୍ଷେ ନିଜର ୧୩ ତମ ବାର୍ଷିକ ଉତ୍ସବ ସାଉଦି ଆରବର ଜୁବେଲ ଠାରେ ପାଳନ କରିଛନ୍ତି୍। ଏଥିରେ ୨୫୬ ଓଡ଼ିଆ ପରିବାର ସମେତ ୫୪୦ରୁ ଅଧିକ ଓଡ଼ିଆ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଗୀତ, ନାଟକ ଓ ପାଲା, ପ୍ରଦର୍ଶନ ହୋଇଥିଲା। ଏଥିରେ କଳାକାର ଏବଂ ଅନୁଷ୍ଠାନକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟ ସଂଯୋଜକ ଅଜୟ ଦାସଙ୍କ ସ୍ୱାଗତ ଭାଷଣ ପରେ ମୁଖ୍ୟ ଅତିଥି ସବ୍ୟସାଚୀ ଶତପଥୀ, ମୁଖ୍ୟବକ୍ତା ଅବିନାଶ କର୍ଣ୍ଣିକ ଏବଂ ସମ୍ମାନିତ ଅତିଥି ଭାବେ ଡୁନ୍ ପବ୍ଲିକ ସ୍କୁଲ ଅଧକ୍ଷ ଅମିର ଖାନ ଯୋଗଦେଇ ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ପ୍ରାଚୀନତାର ଗୌରବପୂର୍ଣ୍ଣ କୀର୍ତ୍ତିରାଜି ସୁବର୍ଣ୍ଣ ତ୍ରିଭୁଜ ଭାବେ ଠିଆ ହୋଇଛି ବୋଲି କହିଥିଲେ। ଏଥିସହ ମୁଁ ଓଡ଼ିଆ ମୋ ଭାଷା ବଢିଆର ସ୍ଲୋଗାନ ସହ, ଦୀପ ପ୍ରଜ୍ୱଳନ କରି, ଉତ୍କଳୀୟ ମହାପୁରୁଷଙ୍କ ସମେତ ଅନ୍ୟ ଦେଶପ୍ରେମୀଙ୍କ ସ୍ମୃତି ଚାରଣ କରିଥିଲର। ଅନୁଷ୍ଠାନର ବାର୍ଷିକ ପତ୍ରିକା ଉତ୍କଳିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରାରମ୍ଭରେ, ବନ ବିହାରି ମହାନ୍ତିଙ୍କ ଅଧକ୍ଷତା ରେ ଓଡ଼ିଶାର 'ବନ୍ଦେ ଉତ୍କଳଜନନୀ' ପରିବେଷଣ କରଯାଇଥିଲା। ଏଥିସହ ଅତିଥି ମାନଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ପରିବାର ଓଡ଼ିଆ ଭାଇ ଚାରାର ମନଭାବ ରଖି ଓଡ଼ିଆ ଖାଦ୍ୟ ଖାଇ ଖୁସି ମନାଇଥିଲେ।

### ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ ପଣ୍ଡ, ୩ ଗିରଫ

**ବଲସକୁମ୍ପା,୧୩।୫:** ଖଜୁରିପଡ଼ା ବ୍ଲକ ହେଡକ୍ୱାର୍ଟର୍ସରେ ଥିବା ଏସ୍‌ବିଆଇ ଏଟିଏମ୍ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଭାଙ୍ଗି ଟଙ୍କା ଲୁଟ ଉଦ୍ୟମ କରି ବିଫଳ ହୋଇଛନ୍ତି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି।

# ଅଭିଯୋଗ ରଖି ତଦନ୍ତ କରୁନି ପୋଲିସ

- ସୁନାମୁହିଁ ଧାର୍ମିକ ଆଶ୍ରମରେ ଚାଲିଛି ଅନୈତିକ କାର୍ଯ୍ୟ
- ବ୍ୟକ୍ତିଗତ ଜାଗାରୁ ଗଛ କାଟି ରାସ୍ତା ନିର୍ମାଣ
- ଅତିରିକ୍ତ ଏସ୍‌ପିଙ୍କୁ ଫେରାଦ୍ ହେଲେ ଆଶ୍ରମର ଶିକ୍ଷୟିତ୍ରୀ

**ନୟାଗଡ଼ ଅଫିସ,୧୩।୫**

ନୟାଗଡ଼ ଜିଲାରେ ଦୁଇଟି ଘଟଣାକୁ ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଥିଲେ ହେଁ ପୋଲିସ ତଦନ୍ତ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଓଡ଼ଗାଁ ଥାନାର ସୁନାମୁହିଁଠାରେ ଚାଲିଥିବା ଏକ ଧାର୍ମିକ ଆଶ୍ରମରେ ଅନୈତିକ କାର୍ଯ୍ୟ ଚାଲୁ ରହିଛି ବୋଲି ଅଭିଯୋଗ ହେଉଛି। ଏ ନେଇ ଆଶ୍ରମର ଜଣେ ଶିକ୍ଷୟିତ୍ରୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରୁନି କି ଘଟଣାର ତଦନ୍ତ କରୁନି ବୋଲି କୁହାଯାଉଛି। ଏପରିପ୍ରେକ୍ଷୀରେ ଶିକ୍ଷୟିତ୍ରୀ ନ୍ୟାୟ ପାଇଁ ଶରଣକୁଳ ଏସ୍‌ଡିପିଓ ଓ ନୟାଗଡ଼ ଅତିରିକ୍ତ ଏସ୍‌ପିଙ୍କୁ ଭେଟିଛନ୍ତି।

ଅଭିଯୋଗ ଅନୁସାରେ, କଟକର ଜଣେ ଯୁବତୀ ସୁନାମୁହିଁଠାରେ ଚାଲିଥିବା ଏକ ଧାର୍ମିକ ଆଶ୍ରମରେ ୨ ବର୍ଷ ହେଲା ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କରି ଆସୁଥିଲେ। ଉକ୍ତ ଆଶ୍ରମର ମୁଖ୍ୟ ଜଣେ ପୁରୁଷ ଅଛନ୍ତି। ଅନୁଷ୍ଠାନର ମୁଖ୍ୟ ୩ ଜଣ ମହିଳା ଓ ୨ଜଣ ପୁରୁଷଙ୍କ ସହାୟତାରେ ଆଶ୍ରମରେ ଅନୈତିକ କାର୍ଯ୍ୟ କରୁଛନ୍ତି। ଧର୍ମାନୁଷ୍ଠାନରେ ରହୁଥିବା ଶିକ୍ଷୟିତ୍ରୀମାନଙ୍କୁ ଅନୈତିକ କାର୍ଯ୍ୟରେ ସାମିଲ ହେବାକୁ ବାଧ୍ୟ କରାଯାଉଛି। ଏପରି କି ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରାଯାଉଛି। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ମୁଖିଆଙ୍କ ଘରର ବାସନ ମାଜିବା, ଲୁଗା କାଚିବା, କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଲୋକଲଜ୍ଜା ଭୟରେ କିଛି ଶିକ୍ଷୟିତ୍ରୀ ଆଶ୍ରମ ଛାଡି ପଳାଇ ଗଲେଣି। ତେବେ କଟକର ଶିକ୍ଷୟିତ୍ରୀ ଜଣକ ଆଶ୍ରମ ନ ଛାଡି ଆଶ୍ରମରେ ଚାଲିଥିବା କେଳେଙ୍କାରି ନେଇ ପ୍ରତିବାଦ କରିଥିଲେ। ଅନ୍ୟପକ୍ଷେ ଶିକ୍ଷୟିତ୍ରୀଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏ ନେଇ ନୟାଗଡ଼ ଜିଲା କାର୍ଯ୍ୟାଳୟରେ ଜଣାଇବା ପରେ ମଧ୍ୟ ସୁଫଳ ନ ମିଳିବା ଅଭିଯୋଗରେ ରହିଛି। ଶେଷରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଆଶ୍ରମରୁ ବିଦା କରି ଦିଆଗଲା। ପରବର୍ତ୍ତୀ ପର୍ଯ୍ୟାୟରେ ଶିକ୍ଷୟିତ୍ରୀ ନିଜର ଉପକରଣ ନେବାକୁ ଏପ୍ରିଲ ୨୮ରେ ଆସିଥିଲେ। ତାଙ୍କୁ ଧାର୍ମିକ ଆଶ୍ରମର ମୁଖିଆ ମାରପିଟ୍ କରି କାଢ଼ି ଦେଇଛନ୍ତି। ଏ ନେଇ ଓଡ଼ଗାଁ ଥାନାରେ ଗତ ୨ ତାରିଖରୁ ଅଭିଯୋଗ ହୋଇଛି। ତେବେ ପୋଲିସ ଏଯାବତ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଶିକ୍ଷୟିତ୍ରୀ କହିଛନ୍ତି।

#### କଣ୍ଟ୍ରାକ୍ଟରଙ୍କୁ ସୁରକ୍ଷା

ଖଙ୍ଗାରପଲ୍ଲୀରୁ ସିଧାପଲ୍ଲୀକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି। ତେବେ ଠିକାଦାର ମାପ ଚୁପ ନ କରି ଖଙ୍ଗାରପଲ୍ଲୀର ହରିହର ସ୍ୱାଇଁଙ୍କର ଏକ ବଗିଚାର ବାଡ ଭାଙ୍ଗି ଶାଗୁଆନ, ଚାକୁଣ୍ଡା, ଲେମ୍ବୁ ଗଛ ସହ ପନିପରିବା ଫସଲ ଗତ ୫ ତାରିଖରେ ନଷ୍ଟ କରିଛନ୍ତି। ପୁଣି ବଗିଚା ଉପରେ ଜୋର ଜବରଦସ୍ତ ରାସ୍ତା ନେଉଛନ୍ତି। ବଗିଚା ମାଲିକ ହରିହର ସ୍ୱାଇଁ ଠିକାଦାରଙ୍କୁ ନିଜସ୍ୱ ଜମି କହି କାଗଜାତ ଦେଖାଇ ଥିଲେ। ତେବେ ଠିକାଦାର କିଛି ନ ଶୁଣି ରାସ୍ତା ନେଉଛନ୍ତି। କାମ ବନ୍ଦ କରାଇବା ପରେ ଧମକଚମକ ଦେଉଛନ୍ତି। ଏ ନେଇ ହରିହର ଗତ ୬ ତାରିଖରେ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଘଟଣାର ତଦନ୍ତ କରୁନି କି ମାମଲା ରୁଜୁ କରୁନି ବୋଲି ହରିହର କହିଛନ୍ତି। ତେବେ ଓଡ଼ଗାଁ ତହସିଲଦାରଙ୍କୁ ଅଭିଯୋଗ କରିବା ପରେ ସେ ମାପଚୁପ କରିବାକୁ ଫର୍ମ ପୂରଣ କରିବାକୁ କହିଥିଲେ। ଡିମାରକେଶନ ପରେ ନିଜର ବ୍ୟକ୍ତିଗତ ଜମି ଜଣାପଡିଲେ ଠିକାଦାର ବିରୋଧରେ ସିଭିଲ କେସ କରାଯାଇ ପାରିବ ବୋଲି ପରାମର୍ଶ ଦେଇଛନ୍ତି। ଏ ନେଇ ହରିହର ସ୍ୱାଇଁ କୁହନ୍ତି, ମୋର ବୟସ ୮୦ ବର୍ଷ। ମୋର ଯଦି କିଛି ଅସୁବିଧା ହେବ ପୋଲିସକୁ ଅଭିଯୋଗ କଲେ ସୁରକ୍ଷା ନ ମିଳିଲେ ବଞ୍ଚିବା କଷ୍ଟକର ହୋଇପଡିବ। ଯଦି ଠିକାଦାର ମୋ ବଗିଚା ଭାଙ୍ଗିଲା ପୋଲିସ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଦରକାର। ତେବେ ପୋଲିସ ମୋର ଅଭିଯୋଗକୁ ଅଣଦେଖା କରି ଠିକାଦାରକୁ ସହଯୋଗ କରୁଥିବାର ପୋଲିସ ଉପରୁ ଆସ୍ଥା ତୁଟିବାରେ ଲାଗିଛି ବୋଲି କହିଛନ୍ତି। ଏ ନେଇ ନୟାଗଡ ଅତିରିକ୍ ଏସ୍‌ପି ଉମାକାନ୍ତ ମଲ୍ଲିକ କୁହନ୍ତି ସୁନାମୁହିଁଠାରେ ଥିବା ଏକ ଧାର୍ମିକ ଆଶ୍ରମରେ ଅନୈତିକ କାର୍ଯ୍ୟ ସମ୍ପର୍କରେ ସେପରି କିଛି ପ୍ରମାଣ ମିଳୁନି। ତେବେ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ଓଡ଼ଗାଁ ପୋଲିସକୁ ପରାମର୍ଶ ଦିଆଯାଇଛି। ଖଙ୍ଗାରପଲ୍ଲୀରେ ବ୍ୟକ୍ତିଗତ ଜମିରେ ଜୋରଜବରଦସ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ ଘଟଣାରେ ଅଭିଯୋଗକାରୀ ତହସିଲଦାରଙ୍କୁ ଜଣାନ୍ତୁ। ଏ ନେଇ ଓଡ଼ଗାଁ ଥାନାକୁ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ : ଅଭିଯୁକ୍ତ ଗିରଫ

**ଆସିକା,୧୩।୫ (ଡି.ଏନ.ଏ.)**

ଆସିକା ଥାନା ଇଲାକାରେ ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବହୁବାର ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଶୁକ୍ରବାର ଏହି ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଇଲାକାରେ ସୁଶାନ୍ତ ବେହେରା। ଅଭିଯୁକ୍ତ ଜଣକ ନାବାଳିକାଙ୍କ ସମ୍ପର୍କୀୟ ଭାଇ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଶୁକ୍ରବାର ପୀଡିତା ଓ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ବଡମେଡିକାଲରେ ଡାକ୍ତରୀ ମାଇନା କରାଯାଇଥିଲା। ପୀଡିତାଙ୍କ ବୟାନ ରେକର୍ଡ ପରେ ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ନଂ.୨୨୭/୨୨ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍‌ସୋ ଅଦାଲତରେ ହାଜର କରାଯାଇଥିବା ଆଇଆଇସି ପ୍ରଶାନ୍ତ ସାହୁ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ଉଭୟ ପରିବାର ମଧ୍ୟରେ ସମ୍ପର୍କର ସୁଯୋଗ ନେଇ ନାବାଳିକାଙ୍କୁ ବଳାତ୍କାର କରି ଆସୁଥିଲେ। ଏପରି କି ଏକାଧିକବାର ଗର୍ଭପାତ କରିଥିଲା ବେଳେ ପରେ କୌଣସି ଟେଲିଫୋନକୁ ରିସିଭ କରୁ ନ ଥିଲେ।

# 'ଭାଇଚାରା ସୃଷ୍ଟିକରେ ସାଂସ୍କୃତିକ କାର୍ଯ୍ୟକ୍ରମ'


ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

## ଚାହାଳି ଡ୍ରାମାଟିକ୍ ସୋସାଇଟି ବାର୍ଷିକ ଉତ୍ସବ

**ନୂଆଗାଁ,୧୩।୫ (ଡି.ଏନ୍.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳି ଡ୍ରାମାଟିକ୍ ସୋସାଇଟି ବାର୍ଷିକୋତ୍ସବ-୨୦୨୨ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ବ୍ଲକର ଚାହାଳି ଗ୍ରାମ ସର୍ବ ପୁରାତନ ସାଂସ୍କୃତିକ ଗ୍ରାମ ଭାବେ ପରିଚିତ। ଗ୍ରାମରେ ପ୍ରତି ପରିବାରରେ ପିଲା କଳାକାର ଭାବେ କାର୍ଯ୍ୟ କରିଥାନ୍ତି। ସେହି କଳାକାରମାନଙ୍କୁ ନେଇ ଗ୍ରାମରେ ରାମଲୀଳା ନାଟକ ଦୀର୍ଘବର୍ଷ ଧରି ପରିବେଷଣ କରାଯାଉଛି। ପୁରାତନ କଳାକାରମାନଙ୍କ ପରେ ଧୀରେ ଧୀରେ ସେଥିରେ ଯବନିକା ପଡିବାକୁ ବସିଲାଣି। ରାମଲୀଳା ପରିବର୍ତ୍ତେ ଯୁବପିଢ଼ିଙ୍କୁ ନେଇ ଗଢି ଉଠିଛି ଡ୍ରାମାଟିକ ସୋସାଇଟ। ତାରି ମାଧ୍ୟମରେ ବର୍ଷର ବିଭିନ୍ନ ସମୟରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଡ୍ରାମାଟିକ ସୋସାଇଟ୍‌ର ବାର୍ଷିକ ଉତ୍ସବ ଅବସରରେ ପ୍ରଥମେ ସନ୍ଧ୍ୟା ପୂଜା ଓ ଉଦଘାଟନ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସବୁ ରାଗ ରୁଷାକୁ ପଛରେ ପକାଇ ସମସ୍ତେ ଏକାଠି ହେବା ସହ ଭାଇଚାରା ସୃଷ୍ଟି କରେ ବୋଲି ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଯୁଗ୍ମ ସଚିବ କୃଷ୍ଣଚନ୍ଦ୍ର ଶତପଥୀ ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଚାହାଳି ସରପଞ୍ଚ ସୁବାସ ଚନ୍ଦ୍ର ବେହେରା, ସମିତିସଭ୍ୟା ଅଶ୍ୱିନୀ ଆଚାର୍ଯ୍ୟ, ମହୀପୁର ସରପଞ୍ଚ ତ୍ରିନାଥ ବେହେରା, ଗ୍ରାମ ସଭାପତି ପ୍ରସନ୍ନ କୁମାର ଶତପଥୀ, ଡ୍ରାମାଟିକ ସୋସାଇଟର ମୁଖ୍ୟ ରମାକାନ୍ତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ୍ରାମାଟିକ ସୋସାଇଟର କଳାକାରମାନଙ୍କ ଦ୍ୱାରା ପରିବେଷିତ ଓ ସନ୍ତୋଷ କୁମାର ବେହେରାଙ୍କ ନିର୍ଦ୍ଦେଶିତ ନାଟକ 'ସିନ୍ଦୁର କହିବ ସ୍ୱାମୀ କାହାର' ଦର୍ଶକମାନଙ୍କ ମନକୁ ବେଶ୍ ଆକର୍ଷିତ କରିଥିଲା।

# ଦୁଷ୍ମନ୍ତଙ୍କ ଅନ୍ୟତମ ସହଯୋଗୀ ନୟାଗଡ଼ରୁ ଗିରଫ

## ସାଇବର ଠକଙ୍କୁ ପ୍ରି-ଆକ୍ଟିଭେଟ୍ ସିମ୍ ଯୋଗାଣ ମାମଲା

- ପ୍ରି- ଆକ୍ଟିଭେଟ୍ ଭୋଡ଼ାଫୋନ ସିମ୍ ବିକ୍ରି କରୁଥିଲେ
- ୬ରେ ପହଞ୍ଚିଲା ଗିରଫ ସଂଖ୍ୟା

**ଭୁବନେଶ୍ୱର,(ବ୍ୟୁରୋ),୧୩।୫**

ବିଭିନ୍ନ ଟେଲିକମ୍ କମ୍ପାନୀର ସିମ୍ କାର୍ଡକୁ ପ୍ରି-ଆକ୍ଟିଭେଟ୍ କରି ଉକ୍ତ ନମ୍ବରକୁ ସାଇବର ଠକଙ୍କୁ ଯୋଗାଣ ମାମଲାରେ ମାଷ୍ଟରମାଇଣ୍ଡ ଦୁଷ୍ମନ୍ତ ସାହୁଙ୍କ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ଶୁକ୍ରବାର ସରିଛି। ଏହାପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତେବେ ୪ଦିନର ପଚରାଉଚରାବେଳେ କ୍ରାଇମ୍‌ବ୍ରାଞ୍ଚ କିଛି ନୂଆ ତଥ୍ୟ ପାଇବା ସହ ତାଙ୍କ ବୟାନ ଆଧାରରେ ଆଉଜଣେ ଅଭିଯୁକ୍ତ ତଥା ତାଙ୍କ ସହଯୋଗୀଙ୍କୁ ନୟାଗଡ଼ରୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ସଦର ଥାନା ବେଗୁନିଆପାଟଣା ଅଞ୍ଚଳର ଜ୍ଞାନରଞ୍ଜନ ସାହୁ(୨୪)। ଶୁକ୍ରବାର କଟକ ଜେଏମ୍‌ଏଫ୍‌ସି କୋର୍ଟରେ ଅଭିଯୁକ୍ତ ଜ୍ଞାନରଞ୍ଜନଙ୍କୁ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ, ଅଭିଯୁକ୍ତ ଜ୍ଞାନରଞ୍ଜନ ପୂର୍ବରୁ ଏୟାରଟେଲ କମ୍ପାନୀରେ ଷ୍ଟୋର ବୟ ଭାବେ ଚାକିରି କରୁଥିଲେ। ସେହି ସମୟରେ କିପରି ସିମ୍ ଖୋଲା ଯାଉଥିଲା ସେ କୌଶଳ ଶିଖିଥିଲେ। ସେଠାରେ ଚାକିରି ଛାଡ଼ିବା ପରେ ମାଷ୍ଟରମାଇଣ୍ଡ ଦୁଷ୍ମନ୍ତଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ସେ ବିଭିନ୍ନ ଲୋକଙ୍କଠାରୁ ଭୋଡ଼ାଫୋନ୍ ସିମ୍ ସଂଗ୍ରହ କରି ଦୁଷ୍ମନ୍ତଙ୍କୁ ବିକ୍ରି କରୁଥିଲେ। ଗୋଟିଏ ସିମ୍ ପ୍ରତି ସେ ୧୪୦ ଟଙ୍କା ନେଉଥିଲେ। ଏପରିକି ସେ ଦୁଷ୍ମନ୍ତଙ୍କୁ ୯ ହଜାର ୬୦୦ରୁ ଅଧିକ ସିମ୍ ବିକ୍ରି କରିଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଏଥିସହ ସମ୍ପୃକ୍ତ ଅନ୍ୟମାନଙ୍କୁ ମଧ ଧରିବାକୁ ଉଦ୍ୟମ ଜାରି ରହିଥିବା ସୂଚନ ଦିଆଯାଇଛି।

# ରାସ୍ତାରେ ମାଡୁଛି ନର୍ଦ୍ଦମାପାଣି, ସାଧାରଣରେ ଅସନ୍ତୋଷ

**ଖଣ୍ଡପଡା,୧୩।୫ (ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ବିଭିନ୍ନ ସାହି ଓ ଗଳିକନ୍ଦି ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ନର୍ଦ୍ଦମା ପାଣି ନିଷ୍କାସନ ନିମନ୍ତେ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ଜଳ ରାସ୍ତା ସାରା ମାଡୁଛି। ଖଣ୍ଡପଡା ସହରର ୩ ନଂ. ୱାର୍ଡ ଅଧୀନ କାଦୁଆସାହି ରାସ୍ତାପାର୍ଶ୍ୱସ୍ଥ ଡ୍ରେନର ଦୁରାବସ୍ଥାକୁ ନେଇ ସ୍ଥାନୀୟ ୱାର୍ଡବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନର୍ଦ୍ଦମା ଜଳ ଯୋଗୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଉକ୍ତ ରାସ୍ତା ଦେଇ ଯାତାୟାତ କଲାବେଳେ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଏହି ଦୂଷିତ ପରିବେଶ ଯୋଗୁ ଅତିଷ୍ଠ ହୋଇପଡୁଛନ୍ତି।


ରାସ୍ତା ଉପରେ ନର୍ଦ୍ଦମା ଜଳ ଯୋଗୁ ପୂତି ଗନ୍ଧମୟ ପରିବେଶ।

ପ୍ରକାଶ ଥାଉ କି ଗତବର୍ଷ ଉକ୍ତ ୱାର୍ଡର ଡ୍ରେନେଜ ସମସ୍ୟାର ସୁଧାର ଆଣିବା ନିମନ୍ତେ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷ ୫ ଲକ୍ଷ ଟଙ୍କା ବ୍ୟୟ କରିଥିଲେ ହେଁ ସମସ୍ୟା ସୁଧାର ଆସିବାରେ ନାଁ ଗନ୍ଧ ଧରୁନାହିଁ। ବିପର୍ଯ୍ୟସ୍ତ ଡ୍ରେନେଜ ସମସ୍ୟା ପ୍ରତି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଏନ୍‌ଏସି ଅଧ୍ୟକ୍ଷା ଦୃଷ୍ଟି ଦେବାକୁ ଦାବି ହେଉଛି ।

### ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟ୍

**ଖଣ୍ଡପଡ଼ା,୧୩।୫ (ସ୍ୱ,ପ୍ର)**

ଖଣ୍ଡପଡ଼ା ଥାନା ଅଧୀନ ଯୋଗିଆପଲ୍ଲୀ ଗାଁର ଜନୈକ ପରିବାରର ଲୋକେ ଘରେ ନ ଥିବାର ସୁଯୋଗରେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗ୍ରାମର ବାଇଧର ସାହୁ ନିଜ ଘରେ ତାଲା ପକାଇ ସପରିବାର ଭୁବନେଶ୍ୱର ଯାଇଥିଲେ। ତେବେ କେହି ଦୁର୍ବୃତ୍ତ ସେମାନଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ବିଳମ୍ବିତ ରାତିରେ ଘର ପଛପାଖ ତାଲା ଭାଙ୍ଗି ମୂଲ୍ୟବାନ ଆସବାବପତ୍ର ଓ ସୁନା ଅଳଙ୍କାର ସହ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଖଣ୍ଡପଡ଼ା ଥାନାରେ ଏ ନେଇ ଏକ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ଜାରି ରହିଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ।

# ତ୍ରୁଟିପୂର୍ଣ୍ଣ ନଦୀଜଳ ପରିଚାଳନାକୁ ବିରୋଧ

## ନଦୀ ପାଇଁ ସଂଗ୍ରାମ

- ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

**ନୟାଗଡ ଅଫିସ,୧୩।୫**

ରାଜ୍ୟ ସରକାରଙ୍କର ତ୍ରୁଟିପୂର୍ଣ୍ଣ ନଦୀଜଳ ପରିଚାଳନକୁ ବିରୋଧ କରି ନଦୀ ବଞ୍ଚାଅ ଅଭିଯାନ ଚାଲିଛି। ଏ ଅବସରରେ ନୟାଗଡ଼ ନଦୀ ସୁରକ୍ଷା ସମିତି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୩ ପୃଷ୍ଠା ସମ୍ବଳିତ ଏକ ସ୍ମାରକପତ୍ର ନୟାଗଡ ଉପଜିଲାପାଳଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି।ଭାଜପା ତଥା ନଦୀ ସୁରକ୍ଷା ସମିତି ର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶ୍ରୀନିବାସ ପ୍ରଧାନ, କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ସୌମ୍ୟ ରଞ୍ଜନ ପ୍ରଧାନ, ଦେବାଶିଷ ପାତ୍ର, ମାନସ ଦଳେଇ ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ଦେଇଥିଲେ। ନଦୀ ସୁରକ୍ଷା ସମିତିର ଅଭିଯୋଗ ଅନୁସାରେ, ସରକାରଙ୍କର ତ୍ରୁଟିପୂର୍ଣ୍ଣ ନଦୀ ଜଳ ପରିଚାଳନା ପାଇଁ ମହାନଦୀ ସମେତ ଓଡ଼ିଶାର ନଦୀ, ଉପନଦୀ ଶୃଙ୍ଖଳା ପଡିଛି। କଳକାରଖାନା ଓ ଶିଳ୍ପକୁ ଜେତିକି ପାଣି ଯୋଗା ଯାଉଛି ସେମାନେ ତା'ଠାରୁ ବହୁ ଅଧିକ ପାଣି ଚୋରାଇ ନେଉଛନ୍ତି। କଳକାରଖାନା ଓ ଶିଳ୍ପ ବ୍ୟବହାର କରୁଥିବା ଜଳକୁ ୱାଟର ଟ୍ରିଟମେଣ୍ଟ ପ୍ଲାନ ଯୋଗେ ପରିଷ୍କାର କରି ନଦୀକୁ ଛାଡିବାକୁ ନିୟମ ରହିଛି। ତେବେ ଅପରିଷ୍କାର ଜଳକୁ କଳକାରଖାନା ଓ ଶିଳ୍ପ ନଦୀକୁ ଛାଡି ନଦୀର ଜଳକୁ ପ୍ରଦୂଷିତ କରୁଛନ୍ତି। ପୁଣି ବାଲି ମାଫିଆମାନେ ନଦରକୁ ଖାଲ କରି ସାରିଲେଣି। ଏଭଳିସ୍ଥଳେ ନଦୀ ପ୍ରତି ବିପଦ ବଢ଼ି ଚାଲିଥିବାରୁ ଏହାର ନିରକରଣ ପାଇଁ ସଂଗ୍ରାମ ଚାଲିଛି।

# ଜାତିଆଣ ଆକ୍ଷେପ କରି ମିଳିତ ଆକ୍ରମଣ

## ବାପାଙ୍କୁ ପିଟିଲେ, ଝିଅର ହାତ ଭାଙ୍ଗି ଦେଲେ

**ନୟାଗଡ଼ ଅଫିସ,୧୩।୫**

ନୟାଗଡ ଜିଲା ଖଣ୍ଡପଡ଼ା ଥାନା ଖଳିସାହି ପଥୁରିଆସାହିର ବିରଞ୍ଚି ନାରାୟଣ ବେହେରା(୪୬)ଙ୍କୁ ସେହି ଗାଁର ଅନ୍ୟ ଏକ ପରିବାରର ବାପା, ମା' ଓ ପୁଅ ଏକ୍ରତିତ ହୋଇ ଶୁକ୍ରବାର ପୂର୍ବାହ୍ନରେ ଜାତିଆଣ ଆକ୍ଷେପ ସହ ମିଳିତ ଆକ୍ରମଣ କରିଛନ୍ତି । ଏପରି କି ବିରଞ୍ଚିଙ୍କୁ ଉଲଗ୍ନ କରି ପକାଇ ଥିଲେ। ବିରିଞ୍ଚିଙ୍କ ପାଟିଶୁଣି ପୁଅ ଝିଅ ପହଞ୍ଚିଥିଲେ। ୧୬ ବର୍ଷର ନାବାଳିକା ଝିଅକୁ ମଧ ମାରପିଟ୍ କରି ହାତ ଭାଙ୍ଗି ଦେଇଛନ୍ତି। ଅପହରଣ କରି ମାରି ଦେବେ ବୋଲି ଧମକ ଦେଇ ନେଇ ଯାଉଥିଲେ। ନାବାଳିକା ନାବାଳିକା ପାଟିବାରୁ ଛାଡି ପଳାଇ ଯାଇଥିଲେ। ପୁର୍ବ ଶତ୍ରୁତାକୁ ନେଇ ଲାଗି ରହିଥିବା ଏହି ବିବାଦ ଘଟଣାରେ ବିଭିନ୍ନ ସମୟରେ ବିରଞ୍ଚିଙ୍କ ପରିବାର ଉପରକୁ ଆକ୍ରମଣ କରାଯାଉଛି। ଏ ନେଇ ବିରଞ୍ଚିଙ୍କ ପରିବାର ବିଭିନ୍ନ ସମୟରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନ୍ୟାୟ ନ ଦେଇ ହଇରାଣ କରିଥବା। ଏଣୁ ବିରଞ୍ଚିଙ୍କ ପରିବାର ଶୁକ୍ରବାର ନୟାଗଡ଼ ଏସ୍‌ପିଙ୍କୁ ଭେଟି ନ୍ୟାୟ ମାଗିଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ବିରଞ୍ଚି ଖଣ୍ଡପଡା ଥାନାକୁ ଯାଇ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଦେଖାଯାଉ ବିରଞ୍ଚିଙ୍କୁ ନ୍ୟାୟ ମିଳୁଛି ନାଁ ପୂର୍ବପରି ଅପମାନିତ ହୋଇ ଫେରିବାକୁ ପଡୁଛି।

# ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ ମାନ୍ୟତା ଦାବି

**ଖଣ୍ଡପଡ଼ା,୧୩।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରାଞ୍ଚଳ ସ୍ଥିତ ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ୫-ଟି ରୂପାନ୍ତରଣ ଯୋଜନାରେ ସାମିଲ କରାଯିବାକୁ ଛାତ୍ର ସଂସଦ ତଥା ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର ୫-ଟି ରୂପାନ୍ତରଣ ଯୋଜନାରେ ପୁରାତନ ସରକାରୀ ଶିକ୍ଷାନୁଷ୍ଠାନଗୁଡିକର ସାମଗ୍ରୀକ ବିକାଶ ସହ ଶୈକ୍ଷିକ ବାତାବରଣ ସୃଷ୍ଟି ନିମନ୍ତେ ଗୋଟିଏ ବିଦ୍ୟାଳୟ ପିଛା ପାଖାପାଖି ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସ୍ମାର୍ଟ ଶ୍ରେଣୀଗୃହ, ପାଠାଗାର, ଖେଳପଡିଆର ଉନ୍ନତିକରଣ ସହ ଶୈକ୍ଷିକ ବାତାବରଣ ସୃଷ୍ଟି ନିମନ୍ତେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି। ଏହି ସ୍ମାର୍ଟ ସ୍କୁଲ ଯୋଜନାରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ୧୧ଟି ପୁରାତନ ବିଦ୍ୟାଳୟ ୫-ଟି ରୂପାନ୍ତରଣ ଯୋଜନାରେ ସାମିଲ କରାଯାଇ ଏଗୁଡିକର ବିକାଶ କାର୍ଯ୍ୟ ଚାଲୁ ରହିଛି। ମାତ୍ର ୧୯୪୪ମସିହା ରାଜରାଜୁଡା ଅମଳରୁ ପ୍ରତିଷ୍ଠିତ ଖଣ୍ଡପଡ଼ା ସହରର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟଟି ପ୍ରଶାସନର ଅଣଦେଖା ଓ ଲୋକ ପ୍ରତିନିଧିମାନଙ୍କର ଆନ୍ତରିକତାର ଅଭାବରୁ ଏହି ଯୋଜନାରେ ସାମିଲ ହୋଇ ନ ପାରିବା ପରିତାପର ବିଷୟ। ଏହି ଶିକ୍ଷାନୁଷ୍ଠାନଟି ଗତ ୭୭ ବର୍ଷ ଧରି ଶିକ୍ଷାଦାନ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ହେଁ ଦୀପ ତଳ ଅନ୍ଧାର ପରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ସମ୍ପ୍ରତି ଏହି ଅନୁଷ୍ଠାନରେ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶ୍ରେଣୀଗୃହର ଅଭାବ ପିଲାମାନଙ୍କୁ ଶିକ୍ଷାଦାନ ଦେବାରେ ବାଧକ ସୃଷ୍ଟି ହେଉଛି। ସବୁ ପରୀକ୍ଷା ଓ କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହେଉଥିବା ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ କହିଛନ୍ତି।



ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ।

ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ, ବଦାନ୍ୟ ବ୍ୟକ୍ତି ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଆର୍ଥିକ ସାହାଯ୍ୟ ସହଯୋଗରେ ଚଳିତବର୍ଷ ବିଦ୍ୟାଳୟଟିର ପ୍ଲାଟିନମ ଜୁବୁଲି ଉତ୍ସବ ପାଳନ ବେଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟ ଶେଷ ହୋଇଛି। ପ୍ଲାଟିନମ ଜୁବୁଲି ଉତ୍ସବରେ ଯୋଗଦେଇଥିବା ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଓଡ଼ିଶାର ରାଜ୍ୟପାଳ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ନିକଟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଭିନ୍ନ ଦାବି ସହ ଉକ୍ତ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ ଯୋଜନାରେ ସାମିଲ କରିବାକୁ ଦାବି ଉପସ୍ଥାପନ କରିଥିଲେ। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଉକ୍ତ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲର ମାନ୍ୟତା ଦାବି ମୁଖ୍ୟ ପ୍ରସଙ୍ଗ ହୋଇଥିବା ବେଳେ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ନୟାଗଡ଼ ଜିଲାପାଳ ଓ ଖଣ୍ଡପଡା ବିଧାୟକ ଉପରୋକ୍ତ ଦାବି ପ୍ରତି ଦୃଷ୍ଟି ଦେବାକୁ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ଦାବି ହେଉଛି।

## ସଂକ୍ଷେପରେ

### ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପ୍ରତିଷ୍ଠା

ବାଲିଚନ୍ଦ୍ରପୁର,୧୩ା୫(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଅଧୀନ ବାଲିପଡ଼ିଆ ପଞ୍ଚାୟତର ପୂର୍ବବାଲିପଡ଼ିଆଠାରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବାବୁରାମ ପଣ୍ଡା, କାଳନ୍ଦୀ ମିଶ୍ର ଓ କୁନି ପଣ୍ଡା ଯଜ୍ଞକର୍ମ ସମ୍ପାଦନ କରିଥିଲେ। ରଘୁନାଥ ପଣ୍ଡା ଓ ବାସନ୍ତୀ ପଣ୍ଡା କର୍ତ୍ତା ଭାବେ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞକାର୍ଯ୍ୟରେ ଗ୍ରାମର ଜ୍ଞାନେନ୍ଦ୍ର ରାଉତ, ଶାରଦା ପଣ୍ଡା, ବରଦା ପଣ୍ଡା, ରାମ ଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରବୀର ବାରିକ, ଗଗନ ବାରିକ, ପ୍ରତାପ ସାହୁ, ଭାଗୀରଥି ସାମଲ, ଉପେନ୍ଦ୍ର ମାହୁନ୍ତ ଓ ଲଳିତ ସାମଲ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମନ୍ଦିର ପୂଜକ ଗଣେଶ୍ୱର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସତ୍ୟସାଇ ପାଦୁକା ଯାତ୍ରା ପ୍ରସ୍ତୁତି ବୈଠକ

ଧର୍ମଶାଳା,୧୩ା୫(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ଜାରକା ଶ୍ରୀସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇ ବାବାଙ୍କ ପାଦୁକା ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ଆବାହକ ସୁଶାନ୍ତ କୁମାର ନାୟକ ସଂଯୋଜନା କରିଥିଲେ। ଯାଜପୁର ଜିଲାରେ ହେବାକୁଥିବା ପାଦୁକା ଯାତ୍ରାକୁ ସୁଚାରୁ ରୂପେ ପରିଚାଳନା ସହ ଗ୍ରାମ ଦର୍ଶନ ପାଇଁ ରୋଡ୍ ମ୍ୟାପ ପ୍ରସ୍ତୁତ କରାଯାଇଥିଲା। ରାଜ୍ୟ ସତ୍ୟସାଇ ସେବା ସଙ୍ଗଠନ ଟ୍ରଷ୍ଟର ସଦସ୍ୟ ରଶ୍ମିରଞ୍ଜନ ରାୟ ଯୋଗଦେଇ ଜିଲାରେ ଶ୍ରୀସତ୍ୟସାଇଙ୍କ ଦିବ୍ୟ ସନ୍ଦେଶ ଓ ନୀତି ଆଦର୍ଶ, ନିଃସ୍ୱାର୍ଥପର ସେବାକୁ ଦୈନନ୍ଦିନ ଜୀବନରେ ପ୍ରସାରିତ କରିବା ସହ ପାଦୁକା ଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ବରିଷ୍ଠ ସାଇ ସେବକ ଯତୀନ୍ଦ୍ର ମୋହନ ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ମଦନାନନ୍ଦ ମଲିକ, ରଞ୍ଜନ କୁମାର ସାହୁ, ବଟକୃଷ୍ଣ ମଲିକ, ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, ନିରଞ୍ଜନ ଶ୍ୟାନ୍ତି ଓ ବିକ୍ରମ କେଶରୀ ମହାନ୍ତିଙ୍କ ସମେତ ସମିତିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭଗବାନ ଶ୍ରୀସତ୍ୟସାଇଙ୍କ ପାଦୁକା ପ୍ରଶାନ୍ତି ନିଲୟମରୁ ଅଣାଯାଇ ଭୁବନେଶ୍ୱରସ୍ଥିତ 'ସାଇ ଜନନୀ' ମନ୍ଦିରରେ ରଖାଯାଇ ପୂଜାର୍ଚ୍ଚନା ଚାଲିଛି। ଭଗବାନଙ୍କ ପାଦୁକା ଆସନ୍ତା ଜୁଲାଇ ଗୁରୁପୂର୍ଣ୍ଣିମା ଦିନ ଏକ ସୁସଜ୍ଜିତ ରଥରେ ଅଣାଯାଇ ଛତିଆଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବ। ପରେ ଭଗବାନଙ୍କୁ ଏକ ଆଧାତ୍ମିକ ଶୋଭାଯାତ୍ରାରେ ଅଣାଯାଇ ମହାବିନାୟକ ମନ୍ଦିର ନିକଟରେ ରଖାଯାଇ ଶ୍ରଦ୍ଧାଳୁଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବ। ଏଥିରେ ସର୍ବଭାରତୀୟ ସତ୍ୟସାଇ ସେବା ସଙ୍ଗଠନର ସଭାପତି ଓ ରାଜ୍ୟ ସଙ୍ଗଠନ ସଭାପତିଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେବା କାର୍ଯ୍ୟକ୍ରମ ରହିଛି।

# ପିଏମ୍‌ଜିଏସ୍‌ୱାଇ ରାସ୍ତାରେ ଅନିୟମିତତା

## ସିଏଜିର ପର୍ଦ୍ଦାଫାଶ

■ ୧.୫୩ କୋଟି ଜରିମାନା ଆଦାୟ ନିର୍ଦ୍ଦେଶ

ଯାଜପୁର ଅଫିସ,୧୩ା୫

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି। ଠିକାସଂସ୍ଥାଗୁଡ଼ିକୁ ଅଯଥା ଅନୁକମ୍ପା ପ୍ରଦର୍ଶନରୁ ପିଏମ୍‌ଜିଏସ୍‌ୱାଇର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପରାହତ ହୋଇଛି। ସିଏଜି ରିପୋର୍ଟରେ ଏଭଳି ଏକ ରାସ୍ତା ନିର୍ମାଣରେ ଅନିୟମିତତାର ପର୍ଦ୍ଦାଫାଶ ହୋଇଛି। ୨ଟି ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣରେ ବ୍ୟାପକ ହେରଫେର କାରଣରୁ ସିଏଜି ରିପୋର୍ଟ ଆଧାରରେ ନନ୍ଦିଘୋଷ କନଷ୍ଟ୍ରକ୍ସନ ପ୍ରା.ଲି଼. ନାମକ ଏକ ଠିକାସଂସ୍ଥାକୁ ୧ କୋଟି ୫୩ ଲକ୍ଷ ୪୦ ହଜାର ଟଙ୍କାର ଜରିମାନା ହୋଇଛି। ଏହାସହ ଗ୍ରାମ୍ୟ ନିର୍ମାଣ ଡିଭିଜନ ସମେତ ପୂର୍ତ୍ତ, ଜାତୀୟ ରାଜପଥ ଓ ଜଳସମ୍ପଦ ବିଭାଗରେ ଯଦି ନନ୍ଦିଘୋଷ କନଷ୍ଟ୍ରକ୍ସନକୁ ପାଉଣା ଦେବାର ବାକି ଅଛି ତେବେ ତାହାକୁ ଅଟକାଇବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଖିଲାପି ସଂସ୍ଥାକୁ ପରବର୍ତ୍ତୀ କୌଣସି କାର୍ଯ୍ୟ ନ ଦେବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଏହି ମର୍ମରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ନିର୍ମାଣ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ୧୦।୫।୨୦୨୨ରେ ଉପରୋକ୍ତ ସରକାରୀ ସଂସ୍ଥାଗୁଡ଼ିକର ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ପତ୍ର ଲେଖିଛନ୍ତି।




ପ୍ରତ୍ୟେକ ୧ ହଜାର ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ସୁଦୃଢ଼ ପକ୍କା ଏବଂ ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରିବା ପିଏମ୍‌ଜିଏସ୍‌ୱାଇର ଲକ୍ଷ୍ୟ। ଏହି ଯୋଜନା ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଗ୍ରାମ୍ୟ ନିର୍ମାଣ (ଆର୍‌ଡବ୍ଲ୍ୟୁ) ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଛି। ତେବେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ସମେତ କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁ ଯୋଜନାର ଅଗ୍ରଗତି ନୈରାଶ୍ୟଜନକ ରହିଛି ବୋଲି କୁହାଯାଉଛି। ସିଏଜି ରିପୋର୍ଟ ଅନୁସାରେ, ୨୦୧୦-୧୧ ବର୍ଷରେ ପିଏମ୍‌ଜିଏସ୍‌ୱାଇ ପ୍ୟାକେଜ ନମ୍ବର ଓଆର-୧୬-୧୦୮, ଓଆର-୧୬-୬୬ ଏବଂ ଓଆର-୧୬-୧୨୬ ରାସ୍ତା ନିର୍ମାଣ କରିବାକୁ ଦୁଇ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଏଥିପାଇଁ ୧୦.୨୧ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ତେବେ ଏହି ରାସ୍ତାଗୁଡ଼ିକର ଅଗ୍ରଗତିରେ ନୈରାଶ୍ୟ ଏବଂ ସମ୍ପୂର୍ଣ୍ଣ କରିବାରେ ଅସମର୍ଥ କାରଣରୁ ସମ୍ପୃକ୍ତ ଠିକାସଂସ୍ଥାଗୁଡ଼ିକୁ ୨୦୧୩ ନଭେମ୍ବରରୁ ୨୦୧୬ ମାର୍ଚ୍ଚ ମଧ୍ୟରେ ଟର୍ମିନେଟ କରାଯାଇଥିଲା। ତେବେ ସେମାନେ ୩.୫୧ କୋଟି ଖର୍ଚ୍ଚ କରି ମାତ୍ର ୩୪% କାମ ଶେଷ କରିପାରିଥିଲେ। ପ୍ରକଳ୍ପରେ ବାକି ୬.୭୦ କୋଟି ରହିଥିଲାବେଳେ ଆହୁରି ୨.୬୮ କୋଟି ଅତିରିକ୍ତ ଅର୍ଥ ମିଶାଇ ୯.୩୮ କୋଟି ଟଙ୍କାରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନନ୍ଦିଘୋଷ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଦାୟିତ୍ୱ ଦେବାର ୪ ବର୍ଷ ପରେ ବି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ତେଣୁ ସିଏଜି ଉକ୍ତ ଠିକାସଂସ୍ଥାକୁ ଆଉ କୌଣସି ବିଭାଗରେ ନିର୍ମାଣ ଦାୟିତ୍ୱ ନ ଦେବାକୁ ପ୍ରସ୍ତାବ ଦେଇଥିଲା। କିନ୍ତୁ ଗ୍ରାମ୍ୟ ନିର୍ମାଣ ବିଭାଗ ଏହି ପ୍ରସ୍ତାବକୁ ଅଣଦେଖା କରି ଉକ୍ତ ଠିକାସଂସ୍ଥାକୁ ପୁଣି ୨ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପ୍ରଦାନ କରିଥିଲା। ଏଥିରେ ଖିଲାପି ଠିକାସଂସ୍ଥାକୁ ବିଭାଗୀୟ ଅନୁକମ୍ପା ରହିଥିବା ସନ୍ଦେହ କରାଯାଇଛି। ଫଳରେ ସରକାରଙ୍କ ଅତିରିକ୍ତ ରାଜସ୍ୱ କ୍ଷତି ହେବା ସହ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଗମନାଗମନରେ ବ୍ୟାଘାତ ସୃଷ୍ଟି ହୋଇଥିଲା ବୋଲି ମତପ୍ରକାଶ ପାଇଛି।

### ନୀଳାଚଳ କର୍ତ୍ତୃପକ୍ଷଙ୍କୁ ଠିକା ଶ୍ରମିକଙ୍କ ଦାବିପତ୍ର

କଳିଙ୍ଗନଗର,୧୩ା୫(ଡି.ଏନ.ଏ.)

ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ନୀଳାଚଳ କାରଖାନାକୁ ନୂତନ ଭାବେ ନେଇଥିବା ଟାଟା ଲଙ୍ଗ୍ ପ୍ରଡକ୍ଟ କମ୍ପାନୀକୁ ଠିକା ଶ୍ରମିକମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘଦିନ ଧରି ବନ୍ଦ ପଡ଼ିଥିବା କାରଖାନା ଚାଲିବା ନେଇ କାମ ଆରମ୍ଭ ହୋଇଥିବାରୁ କାରଖାନାର ସମସ୍ତ ଠିକା ଶ୍ରମିକ ଏକତ୍ରିତ ହୋଇ ସେମାନଙ୍କ ନିଯୁକ୍ତି ଚୂଡ଼ାନ୍ତ କରିବାକୁ ନୂତନ ପରିଚାଳନା କର୍ତ୍ତୃପକ୍ଷଙ୍କୁ ୩ ଦଫା ଦାବିପତ୍ର ଦେଇଛନ୍ତି। ଠିକା ଶ୍ରମିକଙ୍କ କାର୍ଯ୍ୟ ଦକ୍ଷତା ଓ ଅଭିଜ୍ଞତା ଆଧାରରେ ସ୍ଥାୟୀ ନିଯୁକ୍ତି, ସମସ୍ତ ବକେୟା ଦରମା ପ୍ରଦାନ ଓ ସମସ୍ତ ଠିକା ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଆଦି ଦାବିରେ କଳିଙ୍ଗନଗର ମଜଦୁର ୟୁନିୟନ ବ୍ୟାନରରେ ଏହି ଦାବିପତ୍ର ଦିଆଯାଇଛି। ସମ୍ପାଦକ ବିଭୂତି ଭୂଷଣ ଜେନା ଓ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଶ୍ରମିକମାନେ ଦାବି ଉପସ୍ଥାପନ କରିଛନ୍ତି। ତେବେ ଦାବିପୂରଣ ନ ହେଲେ ଜୋରଦାର୍ ଆନ୍ଦୋଳନ କରାଯିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି।

## ପଞ୍ଚାୟତ ପ୍ରତିନିଧି ସଚେତନ ହେଲେ ସମସ୍ୟା ଦୂର ହେବ




ଅଧିବେଶନରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

### ଧର୍ମଶାଳା ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ଅଧିବେଶନ

ଧର୍ମଶାଳା,୧୩ା୫(ଡି.ଏନ.ଏ.)

ଧର୍ମଶାଳା ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ଅଧିବେଶନ ଶୁକ୍ରବାର ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ମେଗା ଜଳ ଯୋଗାଣ, ପାନୀୟ ଜଳ, ଏନ୍‌ଆର୍‌ଇଜିଏସ୍, ବିଦ୍ୟୁତ୍, ରାଶନ ସାମଗ୍ରୀ ବଣ୍ଟନ ଓ ରାସ୍ତା ଆଲୋକୀକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଅନୁପସ୍ଥିତ ରହିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ଅନୁପସ୍ଥିତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଯୋଜନା କିଭଳି ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ପରାମର୍ଶ ଦେଇଥିଲେ। ସମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ପଞ୍ଚାୟତ ପ୍ରତିନିଧିମାନେ ସଚେତନ ହେଲେ ସାଧାରଣ ଜନତାଙ୍କ ସମସ୍ୟା ଦୂର ହୋଇପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ମେଗା ଜଳ ଯୋଗାଣ କାର୍ଯ୍ୟ ୨୦୨୪ ସୁଦ୍ଧା ଶେଷ ହୋଇ ବ୍ଲକର ୪୫ ପଞ୍ଚାୟତର ସମସ୍ତ ପରିବାରକୁ ଜଳ ଯୋଗାଇ ଦିଆଯିବା ନେଇ ବ୍ୟବସ୍ଥା କରାଯାଇଛି ବୋଲି କୁହାଯାଇଥିଲା। ବୈଠକରେ ଜିଲାପରିଷଦ ସଭ୍ୟ ଜଳଧର ମହାନ୍ତି, ସୁଧାଂଶୁ ସାହୁ, ସ୍ମୃତିରେଖା ବେହେରା, ପ୍ରଣତି ଲେଙ୍କା, ଭାଗ୍ୟଧର ସେଠୀ, ସରପଞ୍ଚ ସୁଦାମ ଚରଣ ବେହେରା, ଶରତ ଚନ୍ଦ୍ର ରାଉତ, ତ୍ରିଲୋଚନ ଜେନା, ସୁନାକର ବେହେରା, ରବୀନ୍ଦ୍ରନାଥ ସେଠୀ, ସରୋଜିନୀ ନାୟକ, ସମିତିସଭ୍ୟା ସାଗରିକା ଜେନା, ଅରୂପାନନ୍ଦ ଜେନା, ନିରୁପମା ବାରିକ ଓ ଅନିତା ବେହେରା ପ୍ରମୁଖ ଯୋଗଦେଇ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଜିପିଇଓ ଦିବ୍ୟକାନ୍ତି ମିଶ୍ର ପୂର୍ବ ବୈଠକର ବିବରଣୀ ପାଠ କରିଥିବା ବେଳେ ମଣ୍ଡଳ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ନବନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧିମାନେ ନିଜର ପରିଚୟ ପ୍ରଦାନ କରିଥିଲେ। ଶେଷରେ ଏବିଡିଓ ଅସିତ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

### ପ୍ରତାରଣା ମାମଲାରେ ଯୁବକ କୋର୍ଟଚାଲାଣ

ଧର୍ମଶାଳା,୧୩ା୫(ଡି.ଏନ.ଏ.)

ଯୁବତୀଙ୍କୁ ପ୍ରତାରଣା ମାମଲାରେ ପୋଲିସ ଗିରଫ କରିଥିବା ଯୁବକଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସମ୍ପୃକ୍ତ ଯୁବକ ହେଲେ ଧର୍ମଶାଳା ଥାନା ବଡ଼ମଙ୍ଗଳପୁର ପଞ୍ଚାୟତ କାଇପଡ଼ା ଗ୍ରାମର ବଳରାମ ତରାଇ(୨୬)। ବଳରାମଙ୍କ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତେବେ ବଳରାମ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଫଳରେ ଯୁବତୀ ଅନ୍ତଃସତ୍ତ୍ୱା ହୋଇଥିଲେ। ଏ ସମ୍ପର୍କରେ ସେ ଯୁବକଙ୍କୁ ଜଣାଇବା ସହିତ ବିବାହ କରିବାକୁ କହିଥିଲେ। ହେଲେ ଯୁବକ ବିବାହ ପ୍ରସ୍ତାବରେ ଅରାଜି ହେବା ସହ ଗର୍ଭପାତ କରେଇବା ପାଇଁ କହିଥିଲେ। ଯୁବତୀ ଗର୍ଭପାତ ପାଇଁ ରାଜି ହୋଇ ନ ଥିଲେ। ଏସମ୍ପର୍କରେ ପରିବାର ଲୋକଙ୍କୁ କିଛି ଜଣାଇ ନ ଥିଲେ। ତେବେ ସମୟକ୍ରମେ ଯୁବତୀଙ୍କ ପେଟ ଯନ୍ତ୍ରଣା ହେବାରୁ ଟ୍ୟୁମର ହୋଇଥିବା ଭାବି ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହି ସମୟରେ ଯୁବତୀଙ୍କ ଗର୍ଭରୁ ଏକ ମୃତ ଶିଶୁପୁତ୍ର ଜନ୍ମ ହୋଇଥିଲା। ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ପୋଲିସ ନଂ.୨୫୬/୨୨ରେ ଏକ ମାମଲା ରୁଜୁ କରି ବଳରାମଙ୍କୁ ଗୁରୁବାର ରାତିରେ ଗିରଫ କରିଥିଲା। ଶୁକ୍ରବାର ଡାକ୍ତରୀ ମାଇନା ପରେ ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ଜୱାଦ ବାତ୍ୟା ସହାୟତା ପାଇଲେନି ଚାଷୀ

ଝୁମ୍ପୁରୀ,୧୩ା୫(ଡି.ଏନ୍.ଏ.)

ବାତ୍ୟା ଜୱାଦ୍‌ର ପ୍ରଭାବରେ ଯାଜପୁର ଜିଲା ଦଶରଥପୁର ବ୍ଲକ୍‌ରେ ଧାନ ଫସଲ କ୍ଷୟକ୍ଷତି ହୋଇଥିଲା। କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। ହେଲେ ଏଯାଏ କ୍ଷତିଗ୍ରସ୍ତ ଚାଷୀ ସହାୟତା ରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ସୂଚନାଯୋଗ୍ୟ, ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ପରେ ଏକ ଚିଠା ପ୍ରସ୍ତୁତ ହୋଇଥିଲା। ତହସିଲଦାର ଓ ଜିଲାପାଳଙ୍କ ଅନୁମୋଦନ କ୍ରମେ ୨୦୨୨ ମାର୍ଚ୍ଚ ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଦଶରଥପୁର ତହସିଲଦାରଙ୍କ ଖାତାରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଅର୍ଥ ଜମା ହୋଇଥିଲା। ହେଲେ ଇତିମଧ୍ୟରେ ୨ ମାସ ବିତିଛି। ତହସିଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ କ୍ଷତିଗ୍ରସ୍ତ ଚାଷୀ ସହାୟତା ପାଇବାକୁ ଚାହିଁ ରହିଛନ୍ତି। ଏ ସମ୍ପର୍କରେ ତହସିଲ ପକ୍ଷରୁ ବିଳମ୍ବ ପାଇଁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। କାଗଜପତ୍ର ପ୍ରସ୍ତୁତ କରାଯାଇ ଯାଜପୁରରେ ଥିବା ଆଇଡିବିଆଇ ବ୍ୟାଙ୍କରେ କ୍ଷତିଗ୍ରସ୍ତ ଚାଷୀଙ୍କ ଖାତାରେ ଜମା କରିଛନ୍ତି ବୋଲି ତହସିଲଦାର ସଫେଇ ଦେଉଥିବା ସୂଚନା ମିଳିଛି। ହେଲେ ବାସ୍ତବରେ ଚାଷୀଙ୍କ ଖାତାରେ ଉକ୍ତ ଅର୍ଥ ଜମା କରାଯାଇନି। ଅଭିଯୋଗ ଅନୁଯାୟୀ ଅସନପୁର ପଞ୍ଚାୟତର ୨ଟି ମୌଜା ରଙ୍ଗସ, ଅସନପୁରର କେତେଜଣ ଚାଷୀଙ୍କୁ ଅର୍ଥ ପୈଠ କରାଯାଇଥିବାବେଳେ ସେହି ପଞ୍ଚାୟତର ପଞ୍ଚୁପୁର, ଛତ୍ରପଡା, କେରୁଣା ମୌଜାର ଚାଷୀଙ୍କ ଖାତାରେ ଅର୍ଥ ପୈଠ କରାଯାଇନାହିଁ। ସରପଞ୍ଚ, ବ୍ଲକ ଉପାଧ୍ୟକ୍ଷ ଓ ଚାଷୀମାନେ ବାରମ୍ବାର ଏ ସମ୍ପର୍କରେ ଅଭିଯୋଗ କଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଧୀରେ ଧୀରେ ଟଙ୍କା ଦିଆଯିବ ବୋଲି କହୁଛନ୍ତି।

## ୨ ବଖରା ଜଳିଗଲା

ଧର୍ମଶାଳା,୧୩ା୫(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତ ଅନ୍ତର୍ଗତ ଡେରାବର ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ହେମନ୍ତ ନାଥଙ୍କ ୨ ବଖରା ଘର ଜଳିଯାଇଛି। ଏଥିସହିତ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡିଯାଇଥିବା ଜଣାପଡ଼ିଛି। ଖବର ପାଇ ଚଣ୍ଡିଖୋଲ ଦମକଳବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନି ବିପନ୍ନ ପରିବାରକୁ ବିଜୁ ପକ୍କାଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ନିଆଁ ଲାଗିବାର କାରଣ ଜଣା ପଡ଼ିନାହିଁ।

## ପଞ୍ଚ 'ବ' କାର କ୍ଷେତ୍ର ମା' ବିରଜା ଶୀର୍ଷକ ଆଲୋଚନା ଚକ୍ର

ଯାଜପୁର ଟାଉନ,୧୩ା୫(ଡି.ଏନ.ଏ.)

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ବିରଜାକ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ବୁଧବାର ପଞ୍ଚ'ବ' କାର କ୍ଷେତ୍ର ମା' ବିରଜା ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିରଜା ସଂସ୍କୃତି ଏକ ଆଦିମ ସଂସ୍କୃତି ଓ ଏହାର ପ୍ରଚାର ପ୍ରସାର କିଭଳି ହୋଇପାରିବ ସେ ଦିଗରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। ଯଜ୍ଞପ୍ରଭାର ସମ୍ପାଦକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ମୁଖ୍ୟବକ୍ତା, ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ବରିଷ୍ଠ ଖବରଦାତା ଆନନ୍ଦଚନ୍ଦ୍ର ସାହୁ ଯୋଗଦେଇ ମା'ବିରଜାଙ୍କ ମହନୀୟ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ସିଂହ ଧ୍ୱଜ ରଥେ ମା' ବିରଜା ଶୁଭ ମହୁରତ କରାଯାଇଥିଲା। ସେହିଭଳି ବିଶ୍ୱଜିତ ସାହୁଙ୍କ ନିର୍ଦ୍ଦେଶିତ ଆତ୍ମହରା ଚଳଚ୍ଚିତ୍ରର ଶୁଭମୁକ୍ତି ମଧ୍ୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ନିତ୍ୟାନନ୍ଦ ଦେଓ, ହୃଷିକେଶ ପତି, ତରୁଣ କୁମାର ନନ୍ଦ, କାମେଶ୍ୱର ପଣ୍ଡା, ମୀନକେତନ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଦିଲ୍ଲୀପ କୁମାର ଦାସ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ପୂର୍ବ ସ୍ଥିତି ହରାଇଛି ହାଇଲେଭଲ କେନାଲ



ହାଇଲେଭଲ କେନାଲ ପୋତି ହୋଇଗଲାଣି।

■ ପାଣି ପାଇଁ ମୁଣ୍ଡରେ ହାତ ଦେଇ ବସୁଛନ୍ତି ଚାଷୀ

■ ବର୍ଷା ନ ହେଲେ ଉଜୁଡୁଛି ଫସଲ

ଜେନାପୁର,୧୩ା୫(ଡି.ଏନ.ଏ.)

ଯାଜପୁର ଜିଲାରେ ନଦୀ, ନାଳ ଆଦି ଜଳଉତ୍ସ ଭରପୁର ରହିଥିଲେ ବି ଜଳସେଚନ ବ୍ୟବସ୍ଥା ନିରୁତ୍ସାହଜନକ। ସ୍ୱାଧୀନତା ପୂର୍ବରୁ ବ୍ରାହ୍ମଣୀ ଓ ବୈତରଣୀ ନଦୀରୁ ହାଇଲେଭଲ କେନାଲ ଦ୍ୱାରା ଜିଲାର ଅଧିକାଂଶ ଅଞ୍ଚଳର ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଥିଲା। ହେଲେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ସେହି କେନାଲ ଦୀର୍ଘଦିନରୁ ପୋତି ହୋଇପଡ଼ିଛି। ଆବଶ୍ୟକ ମୁତାବକ ବର୍ଷା ନ ହେଲେ ଚାଷୀ ଚାଷରେ କ୍ଷତି ସହୁଛନ୍ତି। ଏପରି ସ୍ଥିତିରେ ବି ହାଇଲେଭଲ କେନାଲ କାମରେ ଆସୁନାହିଁ। ଏହି ପରିପ୍ରେକ୍ଷୀରେ ହାଇଲେଭଲ କେନାଲ ତଳମୁଣ୍ଡ ପର୍ଯ୍ୟନ୍ତ ଖନନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, କଟକ ଜଗତପୁର ବିରୂପା ନଦୀରୁ ଯାଜପୁର ଜିଲା ଜେନାପୁର ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଥିବା ହାଇଲେଭଲ କେନାଲ ତାର ପୂର୍ବ ସ୍ଥିତି ହରାଇବାକୁ ବସିଛି। ଦିନ ଥିଲା ଏହି କେନାଲରୁ ଜଳସେଚନ କରାଯାଇ କୃଷି କ୍ଷେତ୍ର ଶସ୍ୟଶ୍ୟାମଳ ହେଉଥିଲା। କେନାଲ ପାର୍ଶ୍ୱରେ ବସବାସ କରୁଥିବା ଲୋକମାନେ ପାଣି, ସ୍ନାନ,ଶୌଚାଦି ପାଇଁ ଏହି କେନାଲ ଉପରେ ନିର୍ଭର କରୁଥିଲେ। କେନାଲ ପାଣିକୁ କୃଷି କ୍ଷେତ୍ରରେ ଅଧିକ ବିନିଯୋଗ ଲାଗି ପାଣି ପଏଣ୍ଟ ନିର୍ମାଣ କରାଯାଇଥିଲା। ଏବେ ସେହି କେନାଲର ଅଧିକାଂଶ ସ୍ଥାନ ପ୍ରାୟ ପୋତି ହୋଇଗଲାଣି। କୃଷି ଓ ମାଲ ପରିବହନ ପାଇଁ ଦିନେ ବ୍ୟବହୃତ ହେଉଥିବା ଏହି କେନାଲର ଦୁଇପାର୍ଶ୍ୱ ଜମିକୁ ଲୋକେ ଜବରଦଖଲ କରି ଘର ତିଆରି କରିସାରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷ ଆଖିବୁଜି ବସିଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି।

### ଏମାନେ ଯାହା କୁହନ୍ତି...



"କେନାଲ ଥାଇ ମଧ ଆମେ ଜଳସେଚନ ବ୍ୟବସ୍ଥାରୁ ବଞ୍ଚିତ ହୋଇଛୁ। ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ ସୁଫଳ ମିଳୁନାହିଁ। ପୁଣି ଥରେ କେନାଲ ଖନନ କରିବା ସହିତ ଦଳ ନିଷ୍କାସନ କରାଗଲେ ଚାଷୀମାନେ ଜଳସେଚନ ସୁବିଧା ପାଇ ପାରିବେ।

-ହରିହର ସାମଲ, ଚାଷୀ



"ମୁଖ୍ୟ କେନାଲରୁ ଆଉଟ କେନାଲ ମୁହଁ ପୋତି ହୋଇଯାଇଛି। ଯେଉଁ ସମୟରେ ପାଣି ଛାଡ଼ିବା କଥା ସେ ସମୟରେ ପାଣି ଆସୁନାହିଁ। ତେଣୁ ଧାନ ଚାଷ ପାଇଁ ବହୁ କଷ୍ଟ ସହିବାକୁ ପଡୁଛି। ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇ କାମ କରୁ ନାହାନ୍ତି। ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଲେ ଭଲ।

-ସୁବାସ ଚନ୍ଦ୍ର ଭୂୟାଁ, ଚାଷୀ



"ଏହି ହାଇଲେବୁଲ କେନାଲ ଉପରେ ବହୁ ଚାଷୀ ନିର୍ଭର କରି ଡାଲୁଆ ଧାନ ଚାଷ କରୁଥିଲେ। ଗୋରୁ ଗାଈ ମଧ ଉପକୃତ ହେଉଥିଲେ। ଏବେ ପାଣି ନ ଥିବାରୁ ବିଭିନ୍ନ ସମସ୍ୟା ଦେଖା ଦେଉଛି। ଯଦି କେନାଲ ପୁନରୁଦ୍ଧାର ହେବ ଚାଷୀ ଓ ସ୍ଥାନୀୟ ଲୋକେ ଉପକୃତ ହୋଇପାରିବେ।

-ଦିଲୀପ କୁମାର ବରାଳ, ସାମାଜିକ କର୍ମୀ

ସୂଚନାଯୋଗ୍ୟ,୧୮୬୬-୬୭ର ନଅଙ୍କ ଦୁର୍ଭିକ୍ଷକୁ ଦୃଷ୍ଟିରେ ରଖି ଇଂରେଜ ସରକାର ଏହି କେନାଲ ଖନନ କରିଥିଲେ। ସେତେବେଳେ ରେଙ୍ଗୁନ(ମିଆଁମାର) ଆଦି ବାହାର ରାଷ୍ଟ୍ରରୁ ଖାଦ୍ୟଶସ୍ୟ ଡଙ୍ଗାରେ ଏହି କେନାଲ ପଥ ଦେଇ ଆସୁଥିଲା। ଏହି କେନାଲ କୋଲକତା ସହ ମଧ ସଂଯୋଗ ହୋଇଥିଲା। ୧୯୫୫-୫୬ ବର୍ଷରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଅବିଭକ୍ତ କଟକ ଜିଲାର ଯାଜପୁର ସବଡିଭିଜନ ଅନ୍ତର୍ଗତ ଜେନାପୁର ଠାରେ ଖୋଲା ଯାଇଥିବା ହାଇଲେବୁଲ କେନାଲଠାରେ ପହଞ୍ଚି ପାରାଦୀପକୁ ଲୁହାପଥର ରପ୍ତାନୀ ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ। ଏହାବାଦ୍ ଓଡ଼ିଶା ସହିତ କୋଲକତା ସହରକୁ କମ ଖର୍ଚ୍ଚରେ ମାଲ ପରିବହନ ଓ ଗମନାଗମନ ପାଇଁ ଏହି କେନାଲର ଗୁରୁତ୍ୱ ଅଧିକ ଥିଲା। ଏବେ ଜାରକା ନାକପୋଲଠାରୁ ଜେନାପୁରକୁ ଲମ୍ବିଥିବା ୧୫ କି.ମି. କେନାଲ ରକ୍ଷଣାବେକ୍ଷଣ ଅଭାବରୁ କେବଳ ଦଳଭର୍ତ୍ତି ହୋଇ ରହିଛି।

## ସଂକ୍ଷେପରେ

### ୪ ଟ୍ରାକ୍ଟରରୁ ୮୦ ହଜାର ଜରିମାନା ଆଦାୟ



**ରସୁଲପୁର, ୧୩।୫(ଡି.ଏନ.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ଓ ରାଉତରାପୁର ପଞ୍ଚାୟତ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ଶୁକ୍ରବାର ରସୁଲପୁର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ୬ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ୬ଟି ଯାକ ଟ୍ରାକ୍ଟରରେ ବେଆଇନ ବାଲି ଚାଲାଣ ହେଉଥିବା ନେଇ ତହସିଲ ପ୍ରଶାସନ ଜାଣିବାକୁ ପାଇଥିଲା। ସେଥିମଧ୍ୟରୁ ୪ଟି ଟ୍ରାକ୍ଟରରୁ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୨ଟି ଟ୍ରାକ୍ଟର କାଗଜପତ୍ର ଦେଖାଇବା ଓ ଜରିମାନା ପୈଠ କରିବାକୁ ତହସିଲଦାରଙ୍କଠାରୁ ସମୟ ମାଗିଛନ୍ତି। ଶନିବାର ସେମାନେ ତହସିଲରେ ଜରିମାନା ପୈଠ କରିବେ ବୋଲି ତହସିଲଦାର ନିରଞ୍ଜନ ସାହୁଙ୍କ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ବର୍ଷ ସାରା ସାମନ୍ତରାପୁର ଓ ରାଉତରାପୁର ବାଲିଘାଟରୁ ବେଆଇନ ବାଲି ଚାଲାଣ ହୋଇଆସୁଛି। ଏସବୁ ସ୍ଥାନରୁ ରସୁଲପୁର ଓ ଧର୍ମଶାଳା ଅଞ୍ଚଳର ବିଭିନ୍ନ ସ୍ଥାନକୁ ଚୋରା ବାଲି ଚାଲାଣ କରାଯାଉଛି। ଫଳରେ ବାଲି ମାଫିଆ ମାଲାମାଲ ହେଉଛନ୍ତି। ମାତ୍ର ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଏ ନେଇ ତହସିଲ ପ୍ରଶାସନ ନିକଟରେ ଖବର ରହିଆସୁଥିଲା। ଅତିରିକ୍ତ ତହସିଲଦାର ମୋହନ ଯେନାଙ୍କ ନେତୃତ୍ୱରେ ରାଜସ୍ୱ ନିରୀକ୍ଷକ ସନ୍ତୋଷ ପରିଡ଼ା, ଦୁର୍ଯ୍ୟୋଧ ଷଡ଼ଙ୍ଗୀ, ନୃସିଂହ ଚରଣ ବେହେରା, ପ୍ରିୟବ୍ରତ ପଣ୍ଡା, ମନୋଜ କବି ଓ ରମେଶଚନ୍ଦ୍ର ସାହୁ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଟ୍ରାକ୍ଟରଗଡ଼ିକ ରସୁଲପୁର ତହସିଲ ଅଞ୍ଚଳରୁ ବାଲି ଉଠାଇ ଧର୍ମଶାଳା ଅଞ୍ଚଳକୁ ଯାଉଥିବା ବେଳେ ଧରାପଡ଼ିଥିଲେ।

### ଗଛରେ ପିଟିହେଲା ବାଇକ୍: ଆରୋହୀ ମୃତ

**ବିରିଡି, ୧୩।୫(ଡି.ଏନ.ଏ):** କନ୍ଦରପୁର-ଜଗତସିଂହପୁର ଏନ୍‌ଏଚ୍-୫୫ ର ଦଳେଇଘାଇ ନିକଟରେ ଶୁକ୍ରବାର ଅପରାହ୍ଣରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଗଛରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନାଉଗାଁ ଥାନା ଅନ୍ତର୍ଗତ ଚାନ୍ଦଖାଁ ପାଟଣା ଗ୍ରାମର ସୌଭାଗ୍ୟ ରଞ୍ଜନ ପାଢ଼ୀ (୨୩)।

### କାମରେ ଲାଗୁନି ଟାଟା ଗ୍ରାହକ ସେବାକେନ୍ଦ୍ର

**ଯାଜପୁର ଟାଉନ, ୧୩।୫(ଡି.ଏନ.ଏ.):** ଲୋକଙ୍କୁ ଠିକ୍ ସମୟରେ ସେବା ଯୋଗାଇ ଦେବା ପାଇଁ ଟାଟା ପାୱାର ପକ୍ଷରୁ ଯାଜପୁର ସହରରେ ଗ୍ରାହକ ସେବାକେନ୍ଦ୍ର ଖୋଲାଯାଇଛି। ଏହି ସେବାକେନ୍ଦ୍ର ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ବୋଲି କମ୍ପାନୀ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମାତ୍ର ଏହି ସେବାକେନ୍ଦ୍ର ଗ୍ରାହକଙ୍କ ସେବାରେ ଲାଗୁ ନ ଥିବା ଅଭିଯୋଗ ହୋଇଛି। ପୂର୍ବରୁ ଉପଭୋକ୍ତାମାନେ ବିଦ୍ୟୁତ୍ ସଂକ୍ରାନ୍ତ ଅସୁବିଧା ଭୋଗ କରୁଥିଲେ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରୁଥିଲେ। ଏଥିସହିତ ଟେଲିଫୋନ୍ ଯୋଗେ ଅଭିଯୋଗ ଦେଉଥିଲେ ତୁରନ୍ତ ସେବା ଯୋଗାଇ ଦିଆଯାଉଥିଲା। ତେବେ ଟାଟା ପାୱାର ପକ୍ଷରୁ ଉପଭୋକ୍ତା ଗ୍ରାହକସେବା କେନ୍ଦ୍ରକୁ ଟେଲିଫୋନ୍ ଯୋଗେ ଅସୁବିଧା ଜଣାଇଲେ ତୁରନ୍ତ ସମାଧାନ ପାଇଁ ବ୍ୟବସ୍ଥା କରାଯାଇଛି। ମାତ୍ର ଏହି ସେବାକେନ୍ଦ୍ରକୁ ଫୋନ୍ କଲେ ଅନେକ ସମୟରେ ରିସିଭ୍ କରାଯାଉନାହିଁ। ଏପରି କି ଟେଲିଫୋନ୍ ଯୋଗେ ଅଭିଯୋଗ ଦେବାପରେ ଦିନଦିନ ଧରି ଉପଭୋକ୍ତାଙ୍କ ଅସୁବିଧାର ସମାଧାନ କରାଯାଉନାହିଁ। ଗୁରୁବାର ଯାଜପୁର ସହର ବଡ଼ବଜାର ଅଞ୍ଚଳର ଜଣେ ମହିଳାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବାରୁ ସେ ଟେଲିଫୋନ୍ ଯୋଗେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇଥିଲେ ମଧ ଟାଟା ପାୱାର ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏପରି କି ଶୁକ୍ରବାର ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନ ଥିଲା। ପରେ ମହିଳା ଜଣକ ବାରମ୍ବାର ଗ୍ରାହକ ସେବାକେନ୍ଦ୍ରକୁ ଫୋନ୍‌କରିଥିଲେ ମଧ ସେବାକେନ୍ଦ୍ରରେ ନିୟୋଜିତ କୌଣସି କର୍ମଚାରୀ ଫୋନ୍ ଉଠାଇ ନ ଥିଲେ। ଦିନ ୧୨ଟାରେ ଫୋନ୍‌କୁ ଉଠାଇ କର୍ମଚାରୀଙ୍କୁ ପଠାଉଛି ବୋଲି କହିଥିଲେ। ମହିଳାଙ୍କ ପରିବାର ରାତିସାରା ଅନ୍ଧାରରେ ଥିବାବେଳେ ବହୁ କଷ୍ଟରେ ବିଦ୍ୟୁତ୍ ସଂଯୋଗ ପାଇଥିଲେ। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ଟାଟା ପାୱରର ଏସ୍‌ଡିଓ ସୁଦୀପ୍ତ ବିଶ୍ୱାଳଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ଫୋନ୍ ସୁଇଜ୍ ଅଫ୍ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବିକାଶ ଆଳରେ ସ୍ଥିତିବାନ ଜମି ବେଦଖଲ

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ କ୍ଷତିଗ୍ରସ୍ତ ଲୋକେ

**ବ୍ୟାସ ସରୋବର**
- ବେଦଖଲ କରି କାର୍ଯ୍ୟ ନ କରିବାକୁ ନିର୍ଦ୍ଦେଶ
- ମାନୁନାହିଁ ତହସିଲ ପ୍ରଶାସନ

**ଯାଜପୁର ଅଫିସ, ୧୩।୫**

ରାଜ୍ୟର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ବ୍ୟାସ ସରୋବରର ବିକାଶ କାର୍ଯ୍ୟ ଗତ ଜାନୁୟାରୀରୁ ଆରମ୍ଭ ହୋଇଛି। ପ୍ରାୟ ୬୪ କୋଟି ଟଙ୍କାର ଏହି ପ୍ରକଳ୍ପକୁ ଏନ୍‌ବିସିସି (ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କର୍ପୋରେସନ) ଜରିଆରେ ଦିଲ୍ଲୀର ଠିକାସଂସ୍ଥା କ୍ରିଷ୍ଣା ବିଲ୍‌ଡର କାର୍ଯ୍ୟ ସମ୍ପାଦିତ କରୁଛି। ତେବେ ଏହି କାର୍ଯ୍ୟରେ କେତେକ ସ୍ଥିତିବାନ ଜମିକୁ ଜବରଦସ୍ତ ସାମିଲ କରାଯାଇଥିବାରୁ ସମ୍ପୃକ୍ତ କ୍ଷତିଗ୍ରସ୍ତ ଜମିମାଲିକ ସନ୍ଦୀପ କୁମାର ରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ୧୦୮୯୦/୨୦୨୨ ନମ୍ବରରେ ଏକ ରିଟ୍ ପିଟିଶନ ମାମଲା ରୁଜୁ ହୋଇଛି। ହାଇକୋର୍ଟ ଏହାର ଶୁଣାଣି କରି ବ୍ୟାସନଗର ତହସିଲ ଅଧୀନ ମୁଣ୍ଡୋମାଳ ମୌଜାର ସାବକ ଖାତା ନମ୍ବର-୮୧, ପ୍ଲଟ ନମ୍ବର ୩୨୧, ୩୨୨, ୬୦ ଓ ୩୧୮ରେ କୌଣସି ବେଦଖଲ



କରି କାର୍ଯ୍ୟ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ମଧ ଏଠାରେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଏହି ପ୍ରକଳ୍ପ ଆରମ୍ଭରୁ ଉକ୍ତ ମୌଜାର ସ୍ଥିତିବାନ ପ୍ରଜାମାନେ ସ୍ଥାନୀୟ ତହସିଲଦାର ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଏହି ଅଧିକାରୀମାନଙ୍କ ପକ୍ଷରୁ କୌଣସି ନ୍ୟାୟ ମିଳି ପାରି ନ ଥିଲା। ଏପରିକି ଖଣ୍ଡହତା ମୌଜାର କିଛି ଜମିକୁ ମଧ ଏହି ପ୍ରକଳ୍ପରେ ସାମିଲ କରି ନିର୍ମାଣ କାର୍ଯ୍ୟ ହେଉଛି। କ୍ଷତିଗ୍ରସ୍ତ ଲୋକେ ଏହି ବିକାଶମୂଳକ କାର୍ଯ୍ୟକୁ ସ୍ୱାଗତ କରି ଆଇନ ଅନୁସାରେ ଜମି ଅଧିଗ୍ରହଣ କରି ହସ୍ତାନ୍ତର କରିବାକୁ ରାଜି ହୋଇଛନ୍ତି। କିନ୍ତୁ ତହସିଲ ପ୍ରଶାସନ ସେମାନଙ୍କୁ କୌଣସି ନୋଟିସ ନ କରି ସ୍ଥିତିବାନ ଜମିରେ ନିର୍ମାଣ କାର୍ଯ୍ୟ ଚଳାଇଥିବା ଅଭିଯୋଗ ହୋଇଛି। ଏହାବାଦ୍ ଏହି ପ୍ରକଳ୍ପରେ ନିର୍ମାଣ ସାମଗ୍ରୀ ମୋରମ୍, ବାଲି, ମାଟି ବେଆଇନ ଭାବେ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ବ୍ୟାସ ସରୋବରର ଜଗନ୍ନାଥ ମନ୍ଦିର ପଛପାର୍ଶ୍ୱ ନିକଟ ସମତଳ ଅଞ୍ଚଳରୁ ମୋରମ ଖନନ କରି ଏହି ପ୍ରକଳ୍ପରେ ବ୍ୟବହାର କରାଯାଉଛି। ଏଥିପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ତଥା ତହସିଲ ପ୍ରଶାସନ ନିକଟରୁ କୌଣସି ଅନୁମତି ନିଆଯାଇ ନଥିବାବେଳେ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ପରୋକ୍ଷ ସ୍ୱୀକୃତି ରହିଥିବା ସନ୍ଦେହ କରାଯାଉଛି। ଫଳରେ ଯେତେ ଅଭିଯୋଗ କିମ୍ବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ବି ତହସିଲ ପ୍ରଶାସନ ନୀରବ ବସିଛନ୍ତି। ଏହି କାରବାରରେ ବିପୁଳ ବେଆଇନ ଅର୍ଥ କାରବାର ହୋଇଥିବା ମଧ ଚର୍ଚ୍ଚା ହେଉଛି। ତେଣୁ ଏହାର ଏକ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବତା ଲୋକଙ୍କ ସମ୍ମୁଖକୁ ଆସିପାରିବ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ‘ନଈ ଆରପାରି ଜହ୍ନ’ କବିତା ପୁସ୍ତକ ଉନ୍ମୋଚିତ

**ଯାଜପୁର ସଦର, ୧୩।୫(ଡି.ଏନ.ଏ.)**

ଯାଜପୁର ମଙ୍ଗଳପୁର ନାରୀଗାଁ ଚନ୍ଦନଶ୍ରୀକ୍ଷେତ୍ରସ୍ଥିତ ଜଗନ୍ନାଥ ସେବାସଂସ୍ଥା ପକ୍ଷରୁ ଏକ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ. ଶଶଧର ମେଦିନୀସିଂ ମହାପାତ୍ରଙ୍କ କବିତା ପୁସ୍ତକ ‘ନଈ ଆରପାରି ଜହ୍ନ’ ପୁସ୍ତକ ଉନ୍ମୋଚିତ ହୋଇଛି। ସାହିତ୍ୟିକ ଦାମୋଦର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଜୟ କୁମାର ସାହୁ ଯୋଗଦାନ କରି ଗ୍ରାମାଞ୍ଚଳ ସାହିତ୍ୟ ମଧ ବିଶ୍ୱ ପାଇଁ ବୃହତ ବାର୍ତ୍ତା ପ୍ରଦାନ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଲୁଣଭଦ୍ରା ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ସୁବାସ ଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ କବି ଡ. ଆଲୋକ ରାୟ, ସୁଲେଖିକା ଅନିତା ରାୟ, ଅଧାପକ ଦାମୋଦର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ସାମ୍ବାଦିକତା କ୍ଷେତ୍ରରେ ସମର୍ପିତ ହୋଇ କାର୍ଯ୍ୟ କରୁଥିବା ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲା ସଭାପତି ହରିହର ସ୍ୱାଇଁ ଓ ମାନବାଧିକାର କର୍ମୀ ଅଭିଜିତ ଦୀକ୍ଷିତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

# ଟୋକନ ଅପେକ୍ଷାରେ ଚାଷୀ

**ଯାଜପୁର ଅଫିସ, ୧୩।୫**

ମେ’ ମାସ ପ୍ରଥମ ସପ୍ତାହରୁ ଜିଲାରେ ଡାଲୁଅ ଧାନ ସଂଗ୍ରହ ଆରମ୍ଭ ହୋଇସାରିଛି। ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ) ପକ୍ଷରୁ ଧାନ କିଣାରେ ଅବ୍ୟବସ୍ଥା ଏବଂ ବିଳମ୍ବ ଯୋଗୁ ଚାଷୀକୁଳ ହତାଶ ହୋଇ ପଡିଛନ୍ତି। ବୈତରଣୀ ନଦୀରୁ ଡାଲୁଅ ଚାଷ କରୁଥିବା ଜିଲାର କୋରେଇ ବ୍ଲକ ଅନ୍ତର୍ଗତ ହଳଦିଗଡିଆ ପଞ୍ଚାୟତର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଚାଷୀ ଅମଳ କରି କ୍ଷେତ କିମ୍ବା ଖଳାରେ ଧାନ ରଖିଛନ୍ତି। ପାକ୍ସ ପକ୍ଷରୁ ସେମାନଙ୍କୁ ଏଯାଏ ଟୋକନ ମିଳି ନ ଥବାରୁ ଚାଷୀକୁଳ ଆଶାଆଶଙ୍କାରେ ଦିନ ବିତାଉଛନ୍ତି।

୨୦୦୯-୧୦ବର୍ଷରେ ଘୋଷିତ ରାଜ୍ୟ ଖାଦ୍ୟ ନୀତିରେ ପଞ୍ଜାବ ଓ ହରିୟାଣା ଭଳି ଓଡ଼ିଶାରେ ମଧ ମଣ୍ଡି ବ୍ୟବସ୍ଥାରେ ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଥିଲା। ଯେଉଁଥିରେ ଚାଷୀ ୟାର୍ଡ ଓ କ୍ରୟକେନ୍ଦ୍ରକୁ ଧାନ ଆଣି ଅନ୍‌ଲୋଡ୍ କରିବେ ସେଠାରେ ଓଜନ ହେବା ପରେ ଖାଲି ବସ୍ତା ଏବଂ କ୍ରୟ ସଂସ୍ଥାରୁ ପ୍ରାପ୍ୟ ନେଇ ଚାଷୀ ଫେରିଯିବେ। କୌଣସି ପରିସ୍ଥିତିରେ ବି ଚାଷୀଙ୍କୁ ଆଉ ମିଲ୍ ମାଲିକଙ୍କୁ ସାମ୍ନା କରିବାକୁ ପଡ଼ିବ ନାହିଁ। ଏହାଦ୍ୱାରା ଚାଷୀ ମିଲ୍ ମାଲିକଙ୍କ ଦ୍ୱାରା ହଇରାଣ ଆଉ ହେବେ ନାହିଁ ବୋଲି ସରକାରଙ୍କ ଲକ୍ଷ୍ୟ ରହିଥିଲା। ତେଣୁ ଚାଷୀମାନେ ଏହି ବ୍ୟବସ୍ଥାକୁ ସ୍ୱାଗତ କରିଥିବାବେଳେ ଭିତ୍ତିଭୂମିର ଅଭାବ ଏବଂ ଧାନ ସଂଗ୍ରହରେ ସମ୍ପୃକ୍ତ ଅସାଧୁ କର୍ମଚାରୀଙ୍କ ଉଦ୍ୟମରୁ ଏହି ମହତ୍ ଲକ୍ଷ୍ୟ ପରାହତ ହେଉଛି। ଚାଷୀମାନେ ବହୁତ ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇ ଆସୁଛି। ଏପରି କି ଏବେ ଡାଲୁଅ ଧାନ ସଂଗ୍ରହ ହେବାକୁ ଯାଉଥିବାବେଳେ ଅନେକ ୟାର୍ଡରେ ଚାଷୀ ଏଯାଏ ଟୋକନ ପାଇନାହାନ୍ତି। ଡାଲୁଅ ଧାନ ସଂଗ୍ରହ ସମୟରେ ଅଦିନିଆ ଝଡ଼ବର୍ଷା ଆଶଙ୍କା ଥିବାରୁ ଚାଷୀ ପାଖରେ ଆଉ କୌଣସି ବିକଳ୍ପ ନାହିଁ ଏବଂ ସେମାନେ କମ୍‌ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ୍ୟ ହେବେ ବୋଲି ଜଣାପଡ଼ିଛି। ଏହା ସମବାୟ ସମିତି ଓ ଯୋଗାଣ ନିଗମର ଅସାଧୁ କର୍ମଚାରୀ ଏବଂ ମିଲ ମାଲିକଙ୍କୁ କାଗଜପତ୍ରରେ ଧାନ ସଂଗ୍ରହ ଦେଖାଇ ଅଣ୍ଡରରେଟ ଧାନ କିଣି ଚାଷୀଙ୍କୁ ଲୁଟ କରିବାର ସୁଯୋଗ ଦେବ। ଚାଷୀ ଯୋଗେନ୍ଦ୍ର ସାହୁ, ଯତୀନ୍ଦ୍ର ସ୍ୱାଇଁ, କମଳାକାନ୍ତ ବିଶ୍ୱାଳ, ଅଶୋକ ମଲ୍ଲିକ, ଅନୁରୋଧ ସ୍ୱାଇଁ, ରାମ ଜେନା, ଗୌରାଙ୍ଗ ମଲ୍ଲିକ, ଅଭିରାମ ନାୟକ, ଭରତ ନାୟକ, ଦାଦାଜୀ ନାୟକ, କମଳାକାନ୍ତ ବିଶ୍ୱାଳ, ନିଗମା ନନ୍ଦ ନାୟକ ପ୍ରମୁଖ ଚାଷୀ ଟୋକନ ଅପେକ୍ଷାରେ ରହିଛନ୍ତି। ନଚେତ୍ ସେମାନଙ୍କ କଷ୍ଟୋପାର୍ଜିତ ଧାନ ନଷ୍ଟ ହେବାର ସମ୍ଭାବନା ରହିଛି ବୋଲି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।



କୋରେଇ ବ୍ଲକ ଅଞ୍ଚଳରେ ଚାଷୀ ଧାନ ଶୁଖାଇଛନ୍ତି।

# ହରେକୃଷ୍ଣ ଦାସ ସ୍ମୃତି ସମ୍ମାନ ସମାରୋହ

**ସିଂହପୁର, ୧୩।୫(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳା ପଞ୍ଚାୟତ ମାନଧାତା ପାଟଣାଠାରେ ନଳିନୀ ପ୍ରଭା ଫାଉଣ୍ଡେଶନ ପକ୍ଷରୁ ହରେକୃଷ୍ଣ ଦାସ ସ୍ମୃତି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନଳିନୀ ପ୍ରଭା ଦାସଙ୍କ ସଭାପତିତ୍ୱରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତଜ୍ଞ ତଥା ସମ୍ପାଦକ ଦିନେଶ ମଲିକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲିକ, ମୁଖ୍ୟବକ୍ତା ବରିଷ୍ଠ ସାହିତ୍ୟିକ ରମାକାନ୍ତ ଜେନା, ସମ୍ମାନିତ ଅତିଥି ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ସାମାଜିକ କର୍ମୀ ଶିଶିର ନାୟକ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ ସରୋଜ ମଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ।



କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଣ୍ଠଶିଳ୍ପୀ ବିଜୟଲକ୍ଷ୍ମୀ ଶତପଥୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶିକ୍ଷକ ସଞ୍ଜୟ କୁମାର ସାମଲ, ଡ. ଅକ୍ଷୟ ସାମଲ, ଅକ୍ଷୟ ଦାସ, ସାମାଜିକ କର୍ମୀ ଅଜୟ ବାରିକ, ସୁଚିତ୍ରା ଜେନା, ସଂଗୀତଜ୍ଞ ଶୁଶ୍ରୀ ଦେବତା, ବିଷ୍ଣୁପ୍ରିୟା ଦେବତା, ବିଜୟଲକ୍ଷ୍ମୀ ଶତପଥୀ ଓ ନମିତା ଶତପଥୀଙ୍କୁ ମାନପତ୍ର ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅସିମି ରଞ୍ଜନ ଦାସ, ଦେବସ୍ମିତା ଦାସ, ବିନୋଦ ବିହାରି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ ରବିନାରାୟଣ ସାମଲ ଧନ୍ୟବାଦ ଦେଇଥିଲେ।

# ରାସ୍ତା ସମ୍ପ୍ରସାରଣ ଉପରେ ସ୍ଥିତାବସ୍ଥା ବଜାୟ ରଖିବାକୁ କୋର୍ଟଙ୍କ ନିର୍ଦ୍ଦେଶ

**ଯାଜପୁର ଟାଉନ, ୧୩।୫(ଡି.ଏନ.ଏ.)**

ସମ୍ପ୍ରତି ଯାଜପୁର ସହରରେ ଦ୍ରୁତଗତିରେ ଚାଲିଛି ଉନ୍ନତୀକରଣ କାର୍ଯ୍ୟ। ସହରକୁ ନୂତନ ରୂପରେଖ ଦେବାପାଇଁ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ତେବେ ସହରର ପ୍ରମୁଖ ସମସ୍ୟା ଥିବା ପୁରୁଣା ଅଣଓସାରିଆ ରାସ୍ତାଗୁଡ଼ିକ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ଏଥି ଯୋଗୁ ବହୁ ଲୋକ ବାସହରା ହେଉଥିବା ବେଳେ ଆଉ କେତେଜଣ ନିଜର ପୁରୁଣା ନିର୍ମିତ ଘରଗୁଡ଼ିକୁ ଭାଙ୍ଗିବାକୁ ବାଧ ହେଉଛନ୍ତି। ତେବେ ଜିଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ଯଦିଓ ଏଥି ନିମନ୍ତେ ଧାର୍ଯ୍ୟ ଅନୁକମ୍ପା ରାଶି ଓ ଜମି ଯୋଗାଇ ଦେଉଛନ୍ତି, କିନ୍ତୁ ଅଧିକାଂଶ ଲୋକେ ନିଜର ପୁରୁଣା ଭିଟାମାଟି ଛାଡିବା ପାଇଁ ରାଜି ହେଉନାହାନ୍ତି। ଫଳରେ ଏହି ସମସ୍ୟାକୁ ନେଇ ବହୁ ମାମଲା ଏବେ ବିଭିନ୍ନ କୋର୍ଟରେ ଚାଲୁଥିବାର ଦେଖାଯାଇଛି। ଏପରି ଏକ ମାମଲାରେ ଯାଜପୁରର ଅତିରିକ୍ତ ଦେୱାନୀ ଜଜ୍ ରହିତାଦେଶ ଲଗାଇଛନ୍ତି। ଯାଜପୁର ସହରର କୋଦଣ୍ଡପୁର ବାସିନ୍ଦା ଆଜାଦ ଆଲାମ୍ ଖାଁଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟ-ରାମମନ୍ଦିର ରାସ୍ତାରେ ଏକ ୨ ମହଲା ଘର ରହିଛି। ମାତ୍ର ଏହି ରାସ୍ତାଟି ସମ୍ପ୍ରସାରଣ ହେଉଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଥିଲା। ମାତ୍ର ଜମି ମାଲିକ ଆଜାଦ ଆଲାମ୍ ଏହି ଅଧିଗ୍ରହଣକୁ ବେଆଇନ ଦର୍ଶାଇ ଅତିରିକ୍ତ ସିଭିଲ୍ ଜଜ୍ (ସିନିୟର ଡିଭିଜନ୍)ଙ୍କ ଦ୍ୱାରସ୍ଥ ହୋଇ ନିଷେଧାଜ୍ଞା ନିମନ୍ତେ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି କରି ଗତ ୧୧ ତାରିଖ ଦିନ ଅଦାଲତ ଉଭୟ ଜମିମାଲିକ ଓ ଜିଲା ପ୍ରଶାସନକୁ ମୂଳ ମୋକଦ୍ଦମା ଶେଷ ହେବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ବନ୍ଦ ପଡ଼ିଥିବା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ

**ରସୁଲପୁର, ୧୩।୫(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଅତଳାପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପସ୍ଥଳ ବୁଲି ଦେଖିଛନ୍ତି ଅଧକ୍ଷ ଅରୁଣ କୁମାର ରାଉତ। ଏହି ସମୟରେ ସେ ବର୍ଷାଧିକାଳ ବନ୍ଦ ହୋଇପଡ଼ିଥିବା ବିଭିନ୍ନ ପ୍ରକଳ୍ପର ସ୍ଥିତି ପରଖିଥିଲେ। ଏହାପରେ ପ୍ରକଳ୍ପକୁ ନେଇ ଲାଗି ରହିଥିବା ସମସ୍ୟା ସମାଧାନର ବାଟ ଫିଟିଛି। ବନ୍ଦ ପ୍ରକଳ୍ପର କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ ବୋଲି ଅଧକ୍ଷ ରାଉତ ଆଶାବାଦୀ ଅଛନ୍ତି। ସେ ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ନିର୍ମାଣାଧୀନ କୋଠାର ସ୍ଥିତି ପରଖିଥିଲେ। ପରେ ଗଣେଶପାଟଣା ଗାଁକୁ ଯାଇ ଅଧାରୁ ବନ୍ଦ ହୋଇପଡିଥିବା କଲ୍ୟାଣ ମଣ୍ଡପ ବୁଲି ଦେଖିଥିଲେ। ମଣ୍ଡପ ନିର୍ମାଣରେ ଅର୍ଥ ବାଧକ ସାଜିଛି। ଉକ୍ତ ପ୍ରକଳ୍ପର ପୂର୍ଣ୍ଣାଙ୍ଗୀକରଣ ପାଇଁ ସମିତି ପକ୍ଷରୁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯିବ ବୋଲି ଅଧକ୍ଷ ରାଉତ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଅତଳାପୁର ଗାଁରେ ମେଗା ପ୍ରକଳ୍ପ ପକ୍ଷରୁ ପାନୀୟ ଜଳ ଯୋଗାଣ ପାଇଁ ଉଦ୍ଦିଷ୍ଟ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତର କାଜୁ ବଗିଚା ସମେତ ଅନ୍ୟ ବହୁ ପ୍ରକଳ୍ପ ସ୍ଥଳ ବୁଲି ଦେଖିଥିଲେ। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସେକ୍ ଇମାମ ହୁସେନ, ଉପାଧକ୍ଷାଙ୍କ ପ୍ରତିନିଧି ଶଶିଭୂଷଣ ଦାଶ, ବରିଷ୍ଠ ସଂଗଠକ ରାମଚନ୍ଦ୍ର ସାହୁ, ରତ୍ନ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।



ବ୍ଲକ ଅଧକ୍ଷ ଓ ଅନ୍ୟମାନେ ପ୍ରକଳ୍ପସ୍ଥଳ ବୁଲୁଛନ୍ତି।

# ବିଦ୍ୟାଳୟ ବନ୍ଦ ପ୍ରତିବାଦରେ ଧାରଣା

**ଚଣ୍ଡିଖୋଲ, ୧୩।୫(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅଧୀନ ରାହାଳ ସରକାରୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ ପ୍ରତିବାଦରେ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଶୁକ୍ରବାର ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଆନ୍ଦୋଳନକାରୀ ବିଦ୍ୟାଳୟ ବନ୍ଦକୁ ବିରୋଧ କରିବା ସହ ଦାବି ପୂରଣ ନ ହେଲା ଯାଏ ଧାରଣା ଚାଲୁ ରଖିବାକୁ ସୂଚନା ଦେଇଛନ୍ତି। ୧୯୫୮ରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ଶିକ୍ଷାଦାନ ଚାଲୁ ରହିଥିଲା। ଦୁଇ ବର୍ଷ ତଳେ ଏହି ବିଦ୍ୟାଳୟରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ଅଲଗା କରାଯାଇଥିଲା। ତେବେ ଶ୍ରେଣୀ ଅଲଗା ହେବା ପରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩୯କୁ ଖସିଯାଇଥିଲା। ଫଳରେ ବିଦ୍ୟାଳୟଟିକୁ ଉପର ରାହାଳ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ଏହିମିଶ୍ରଣର ପ୍ରତିବାଦ କରି ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏବେ ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶାନୁସାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଜୋର ଜବରଦସ୍ତ ଟିସି ଦେଉଛନ୍ତି। ଅପରପକ୍ଷରେ ପୂର୍ବ ରାହାଳ ଉଚ୍ଚ ବିଦ୍ୟାଳୟକୁ ଯିବାକୁ ହେଲେ କାଣୀନଦୀ ପାର ହେବାକୁ ହେବ। ଫଳରେ ଛାତ୍ରୀଛାତ୍ର ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବେ ବୋଲି



ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣାରେ ବସିଛନ୍ତି।

ଅଭିଭାବକ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ବିରୋଧ କରି ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର, ଅଭିଭାବକ, ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ଧାରଣାରେ ବସିଛନ୍ତି। ଆଗାମୀ ଦିନରେ ଯଦି ସେମାନଙ୍କ ଦାବିପୂରଣ ନ ହୁଏ ତାହେଲେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଣଜିତ ଜେନାଙ୍କୁ ପଚାରିବାରେ ସେ କୁହନ୍ତି, ପୂର୍ବରୁ ସରକାରଙ୍କ ନିର୍ଦ୍ଦେଶନାମା ଥିଲା ୨୦ରୁ କମ୍ ପିଲା ଥିଲେ ବିଦ୍ୟାଳୟ ବନ୍ଦ ହେବ। ଗତ ମାର୍ଚ୍ଚରେ ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ଯେଉଁଠି ୪୦ରୁ କମ ପିଲା ଥିବେ ସେହି ବିଦ୍ୟାଳୟ ବନ୍ଦ କରାଯିବ। ଯେହେତୁ ଆମ ବିଦ୍ୟାଳୟରେ ୩୯ ଛାତୀଛାତ୍ର ଥିଲେ ସେଥିପାଇଁ ବିଦ୍ୟାଳୟ ମିଶ୍ରଣ କରାଯାଉଛି। ଏହାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଆମେ ଜାଣିଥିଲୁ ଯେଉଁଠି ୨୦ ପିଲା ଥିବେ ସେହି ବିଦ୍ୟାଳୟ ବନ୍ଦ ହୋଇଯିବ। କିନ୍ତୁ ଆମର ୩୯ ପିଲା ଥିବା ବେଳେ ଏବେ ନାମ ଲେଖାଇବା ପାଇଁ ୫୦ରୁ ଉର୍ଦ୍ଧ୍ୱ ପିଲା ରହିଛନ୍ତି। ଏପରିସ୍ଥଳେ ପ୍ରଧାନଶିକ୍ଷକ ଚଞ୍ଚକତା କରି ବିଦ୍ୟାଳୟ ବନ୍ଦ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଗ୍ରାମର ସଂଗ୍ରାମ ସାମଲ, ବାବାଜୀ ସେଠୀ, ପ୍ରଶାନ୍ତ ଦାସ, ଅସିତ ସାମଲ, ମାଧାବାନନ୍ଦ ନାୟକ, ସମୀର କୁମାର ସାମଲ, ମହେନ୍ଦ୍ର କୁମାର ଦାସ, ବିପିନ ବିହାରୀ ସାମଲ, ହରିହର ସେନାପତୀ, ଅକ୍ଷୟ ନାୟକ ଓ ଦୀପକ ସାମଲ ପ୍ରମୁଖ ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।